**ସାନପୋଡ଼ାଗୁଡ଼ାରେ ଯୁଗ୍ମ ଜନଶୁଣାଣି ଶିବିର**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୁଡା ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟରାମ ନାଗଙ୍କ ସଭାପତିତ୍ୱରେ ଅତିରିକ୍ତ ତହସିଲଦାର ମୋହନ କୁମାର ଜେନା, କୃଷି ଅଧିକାରୀ ହେମାନନ୍ଦ ମାଝି, ବିଏସଏସଓ ଦୀପକ କୁମାର ବେହେରା, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ଯୋଗାଣ ବିଭାଗୀୟ ଅଧିକାରୀ ଜଗାରାମ ମୁର୍ମୁ ଓ ଅନ୍ୟ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜନଶୁଣାଣିରେ ମୋଟ ୭୭୪ଟି ଅଭିଯୋଗ ପଞ୍ଜୀକରଣ ହୋଇଛି।

# ବର୍ଷେ ନ ପୂରୁଣୁ ଦବିଲା ବ୍ରିଜ୍

ନୂଆପଡ଼ା ଅଫିସ,୨୦।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପେଣ୍ଡରାବନ୍ଧଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ନିର୍ମାଣାଧୀନ ବ୍ରିଜ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବ୍ରିଜର ଉଭୟ ପାର୍ଶ୍ୱ ଦବିବାରେ ଲାଗିଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ବିପଦପୂର୍ଣ୍ଣ ହୋଇପଡିଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଜିଲା ପ୍ରଶାସନ ରାସ୍ତା ସିଲ କରି ଯୁଦ୍ଧକାଳୀନ ଭିତିରେ ମରାମତି କାର୍ଯ୍ୟ କରୁଛି। ଏହି ରାସ୍ତାରେ ଜରୁରୀକାଳୀନ ସେବା ଗାଡି ଓ ଦୁଇ ଚକିଆ ଗାଡି ଯାଉଛି। ଭାରିଯାନ ଗାଡି ଚଳାଚଳ ବନ୍ଦ ରହିଥିବା ବେଳେ ଅନ୍ୟ ରାସ୍ତା ଦେଇ ଯାତାୟାତ କରୁଛି। ପୋଲିସ ୨୪ ଘଣ୍ଟିଆ ପହଁରା ଦେଇ ୩ ସ୍ଥାନରେ କ୍ୟାମ୍ପ କରି ଗାଡି ଚାଳକଙ୍କୁ ରାସ୍ତା ଦେଖାଉଛି। ନୂଆପଡା-ଖଡିଆଳ ରାସ୍ତା ସିଲ କରିଥିବାରୁ ନୂଆପଡା ପଟୁ ଯାଉଥିବା ଭାରିଯାନକ ଘାଟିପଡାଠାରେ କିମ୍ବା କ୍ରିଷ୍ଟା ଛକରୁ ଭେଲା ଦେଇ ବିଜୁ ଏକ୍ସପ୍ରେସ ଫୋରୱେରେ ବୋଡେନ ବ୍ଲକ ଖଇରା ଦେଇ ଖଡ଼ିଆଳ ଯିବାକୁ



ଦବିଥିବା ବ୍ରିଜ ନିକଟରେ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

**ଅନ୍ୟ ରାସ୍ତା ଦେଇ ଭାରିଯାନ ଯାତାୟାତ**

ପଡୁଛି। ଖଡିଆଳ ପଟୁ ଆସୁଥିବା ଗାଡି ସେହି ରାସ୍ତା ଦେଇ ଆସିବାକୁ ପଡୁଛି। ୩୫୩ ନମ୍ବର ଜାତୀୟ ରାଜପଥ ଯାତାୟାତ ଠପ୍ ଥିବାରୁ ଅନ୍ୟ ଜିଲାକୁ ଯୋଗାଯୋଗ ବ୍ୟାହତ ହୋଇଛି। ବ୍ରିଜ ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୂରୁଣୁ ବ୍ରିଜ ଦବିଯାଇଛି। ଏହି ରାସ୍ତା ଦେଇ ଓଡିଶାରୁ ଛତିଶଗଡ, ଆନ୍ଧ୍ରପ୍ରଦେଶ ସହ ଅନ୍ୟ ରାଜ୍ୟକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ହଜାର ହଜାର ଗାଡି ଯାତାୟାତ କରୁଛି। ଏ ସମ୍ପର୍କରେ ଜିଲାପାଳ ହେମକାନ୍ତ ସାଏଙ୍କୁ ପଚାରିବାରୁ ଆମକୁ ଖବର ଆସିବା କ୍ଷଣି ସାଙ୍ଗେ ସାଙ୍ଗେ ଯାଇ ଅନୁଧ୍ୟାନ କରିଥିଲୁ। ସେମିତି ବଡ ବିପଦ ନାହିଁ। ବ୍ରିଜର ତଳରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଳିର ଗଛିତ ପାଣି ରହିଥିବାରୁ ମାଟି ଖାଇ ଦବିବା ଆରମ୍ଭ ହେଉଥିଲା। ୭ ଦିନ ଭିତରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଯୁଦ୍ଧକାଳୀନ ଭିତିରେ ମରାମତି କାମ ଚାଲିଥିବାରୁ ଭାରିଯାନ ଉକ୍ତ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାଉଛି ବୋଲି କହିଥିଲେ।

# ଆଜି ବିଳାସପୁର-ଭୁବନେଶ୍ୱର ପ୍ରଥମ ସେମିଫାଇନାଲ

ଖଡ଼ିଆଳ,୨୦।୧୨(ଡି.ଏନ.ଏ.)

**୨୦ ତମ କେସିଏସଏ କ୍ରିକେଟ୍**

ନୂଆପଡା ଜିଲା ଖଡ଼ିଆଳ ରାଜାଏଟି ଖେଳ ପଡିଆଠାରେ ୨୦ତମ ସର୍ବଭାରତୀୟ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ବିଳାସପୁର ରେଲୱେ ଓ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ବିଳାସପୁର ରେଲୱେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୮୧ରନ କରିଥିଲା। ବିଶାଖାପାଟଣା ୧୯ ଓଭରରେ ୧୧୧ ରନ କରି ପରାଜିତ ହୋଇଥିଲା। ୨ୟ ମ୍ୟାଚ ଭୁବନେଶ୍ୱର ଟାଉନ କ୍ଲବ ଓ ବରଗଡ ମଧ୍ୟରେ ହୋଇଥିଲା। ବରଗଡ ବ୍ୟାଟିଂ କରି ୧୫ ଓଭରରେ ୧୦୦ ରନ କରିଥିଲା। ଭୁବନେଶ୍ୱର ଟାଉନ ୧୫ ଓଭରରେ ୧୦୬ ରନ କରି ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ପ୍ରତାପ ପାତ୍ର ଓ ସୀମିତ ଦଳାଇ। ଧାରାବିବରଣୀ ପ୍ରଦାନ କରିଥିଲେ ବିଶଜିତ ପାଢ଼ୀ, ଆଶିଷ ତ୍ରିବେଦୀ, ଟୁନା ନାଏକ ଓ ସ୍କୋରର ଭାବେ ସରୋଜ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମ ମ୍ୟାଚ୍ ମୁଖ୍ୟଅତିଥି ଭାବେ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କ ସହ ସମସ୍ତ କାଉନସିଲର ଯୋଗଦେଇଥିଲେ। ୨ୟ ମ୍ୟାଚରେ ମୁଖ୍ୟଅତିଥି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ କମିଟି ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ସଦସ୍ୟ ଟୁନା ନାଏକ, ଗୁଡୁ ପାଣିଗ୍ରାହୀ, ଅମିତାଭ ପଟେଲ, ନେତ୍ରାନନ୍ଦ ଶବର, ଶ୍ୟାମ ସୁନ୍ଦର ନାଗ, ସରୋଜ ପଣ୍ଡା, ଆଦିତ୍ୟ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବୁଧବାର ବିଳାସପୁର ଓ ଭୁବନେଶ୍ୱର ମଧ୍ୟରେ ପ୍ରଥମ ସେମିଫାଇନାଲ ହେବ ବୋଲି କେସିଏସଏ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଲଡୁଗାଁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କୋକସରା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ସରପଞ୍ଚ ନକୁଳ ନାଏକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତ୍ରିନାଥ ଠାକୁର, ବନମାଳୀ ମାଝି, ପ୍ରଫୁଲ୍ଲ ଚନ୍ଦ୍ର ମାଝି, ସୁବାସ ଚନ୍ଦ୍ର ଅଗ୍ରୱାଲ, ଟୁନୁ ମହାନନ୍ଦ, ପଙ୍କଜ ମୁଖ ଚୌଧୁରୀ, ଶ୍ରୀମନ୍ତ ପାଢ଼ୀ, ରବିନାରାୟଣ ଦାସ, ବ୍ୟୋମକେଶ ସାହୁ, କିଶାନ ରାଉତ, କିଶୋର ଚନ୍ଦ୍ର ଦାସ, ସୁରେଶ ନାଏକ, ଦଶରଥ ଦୁର୍ଗା, ଷ୍ଟେଟବ୍ୟାଙ୍କ ମ୍ୟାନେଜର ଜିତେନ୍ଦ୍ର ଜେନା ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବୁଦ୍ଧିମାନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁକା ସାହୁ ଧନ୍ୟବାଦ ଦେଇଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖଡ଼ିଆଳ,୨୦।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନି କକ୍ଷରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଜିଲାପାଳ ହେମାକାନ୍ତ ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଛି। ସେଥିରୁ ୧୩ଟି ଗୋଷ୍ଠି ଏବଂ ୨୫ଟି ବ୍ୟକ୍ତିଗତ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପଜିଲାପାଳ ରାମଚନ୍ଦ୍ର ଖାଡ଼ିଆ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ପିଡି ଡିଆରଡିଏ ମଧୁଛନ୍ଦା ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଥିବାବେଳେ ତହସିଲଦାର ସିନ୍ଧୁ ସୁତା ପାତ୍ର, ଏନ୍ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଅବକାରୀ ଉପନିରୀକ୍ଷକ ଡମ୍ବରୁଧର ହରିଜନଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ସମସ୍ୟା ପଦକ୍ଷେପ ନେବାକୁ ସମ୍ମତି ପ୍ରକାଶ କରିଥିଲେ।

### ମହାମାୟା କଲେଜର ପ୍ରଥମ ବାର୍ଷିକ କ୍ରୀଡ଼ା

ଖଡ଼ିଆଳ,୨୦।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳସ୍ଥିତ ମହାମାୟା କଲେଜର ପ୍ରଥମ ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷା ସୁନିତା ତିୱାରୀ ମଶାଲ ଗ୍ରହଣ କରି ଛାତ୍ରୀଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ାବୀତ ମନୋଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କଲେ ସଫଳତା ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖଅତିଥି ରୂପେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ଅଧାପକ ଡ଼ା ସରୋଜ କୁମାର ପଣ୍ଡା ଯୋଗଦେଇଥିବା ବେଳେ ନୂଆପଡ଼ା ମହାମାୟାର ଖେଳ ଶିକ୍ଷକ ଏମ କୁମାର ଖରସେଲ, ପରୀକ୍ଷିତ, ଦିନେଶ କୁମାର ସତନାମୀ, ମାନସ କୁମାର ମେହେର, ଶୈଳେଶ ଚନ୍ଦ୍ର ମହାନ୍ତି, ସୁନିତା ଦାଶ, କଳ୍ପନା ରାଉତ, ଉପେନ୍ଦ୍ର ନାଏକ, ଲିଜା ରାଣୀ ସମୁଏଲ, ଗୁଲନାଜ ବେଗମ, ବିପିନ ମହାନନ୍ଦ ପ୍ରମୁଖ ସହାୟକ କରିଥିଲେ।

### ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ପଲମ/କର୍ଲାମୁଣ୍ଡା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଦ୍‌ଗୁରୁ ଗୁରୁଦେବ ଶ୍ରୀରାମଚନ୍ଦ୍ର ପଧାନ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ନର୍ଲା ବିଧାୟକ ଧନେଶ୍ୱର ମାଝି, ମୁଖ୍ୟବକ୍ତା ଭାବେ ଗଗନ ବିହାରୀ ମହାପାତ୍ର, ହରଗୌରୀ ମହାବିଦ୍ୟାଳୟ ଇଂଲିଶ ଅଧାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ସୁବୋଧ କୁମାର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ଶ୍ୟାମକୁମାର ବାଗ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ଏବିଇଓ ସହଦେବ ସୁନା, ଶ୍ରୀରାମଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟ ସଭାପତି ଦଇତାରି ସାହୁ, ସମ୍ପାଦକ ହେମନ୍ତ ସାହୁ ଉପସ୍ଥିତ ରହିଥିଲେ। ଯୋରାଡବରା ସରପଞ୍ଚ ଖିତିସୁତା ସାହୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀରାମଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟ ସେବକ ପୀତାମ୍ବର ସାହୁ ଓ ସୁକ୍ତା ସାହୁ ସହଯୋଗ କରିଥିଲେ। ସଂଯୋଜକ ପ୍ରଶାନ୍ତ କୁମାର ଦାସ ମଞ୍ଚ ପରିଚଳନା କରିଥିଲେ। ଧ୍ରୁବଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ଆସନ୍ତା ୨୪, ୨୫ରେ ବୁଢ଼ାଡଙ୍ଗର ମହୋତ୍ସବ

କେସିଙ୍ଗା,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବୁଢ଼ାଡଙ୍ଗର ମହୋତ୍ସବ ଆସନ୍ତା ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଡିଆରେ ଅନୁଷ୍ଠିତ ହେବ। ଏ ନେଇ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସଭାପତି ସୁଶାନ୍ତ ମହାପାତ୍ର ଓ ସମ୍ପାଦକ ଅକ୍ଷୟ କୁମାର ଦାସ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଦେଶର ଅପୂର୍ବ ମିଳନ ବୁଢ଼ା ଡଙ୍ଗର ଲୋକ ମହୋତ୍ସବ ଆୟୋଜନ କରାଯାଇଥାଏ। ଏଥିରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ରାଜ୍ୟ ଓ ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବର୍ଷ ଓଡ଼ିଶୀ, ସମ୍ବଲପୁରୀ, ବାଜାସାଲ, ଆସାମର ବିହୁ ଓ ଝୁମେର, ଗଞ୍ଜାମର ଯୋଡ଼ି ଶଙ୍ଖ, ଟିଟିଲାଗଡର ଢାପ, ମହେଶ୍ୱର ସରାଫ ଓ ତାଙ୍କ ସାଥୀଙ୍କ ଘୁମୁରା, ପୁରୀର ଗୋଟିପୁଅ, ଜେମସା, ନୟାଗଡ଼ର ପ୍ରସିଦ୍ଧ ଜୁମ୍ପା, ମାଦଳି ଓ ଢୋଲ ମହୁରି ସହିତ ରାଜ୍ୟସ୍ତରୀୟ କବିତାପାଠଉତ୍ସବ, ଏକକ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଭାପତି ଓ ସମ୍ପାଦକ କହିଛନ୍ତି। ଉତ୍ସବ ପାଇଁ କେସିଙ୍ଗା ସହରର ସମସ୍ତ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ମହୋତ୍ସବରେ ସମ୍ମାନିତ କରାଯିବା ସହିତ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଜିଲାର ୮ଜଣଙ୍କୁ ସମ୍ମାନିତ କରାଯିବ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅମୀୟ ନନ୍ଦ, ରମେଶ ଜେନା, ବିକ୍ରମ ବାରିକ ଉପସ୍ଥିତ ଥିଲେ।

## ଘୁମୁରା ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଜୁନାଗଡ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇ ଗାଁ ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଉପଲକ୍ଷେ ପଞ୍ଚାୟତସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମଳୟ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପିଇଓ ଟୁନୁ ଗଡ଼ତିଆ, କୁଲିହାରି ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢ଼ୀ, ଲକ୍ଷ୍ମଣ ରଣ ବୀର, ସମିତି ସଭ୍ୟା ମମତା ପାତ୍ର ଓ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ପୂର୍ବତନ ପ୍ରଧାନ ଶିକ୍ଷକ ସମୀର କୁମାର ନାଏକ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୁନାଗଡ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ ସରପଞ୍ଚ ସ୍ମିତା ପଧାନଙ୍କ ଅଧକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତହସିଲଦାର ବେଦବ୍ୟାସ ଭୋଇ, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ବିଏସଏସଓ ତୁଷାର ରଞ୍ଜନ ସାହୁ, ଡବ୍ଲୁଇଓ ସୁମନ୍ତ କୁମାର ମାଝି, ଏଇଇ ସୁଜିତ କୁମାର ଭୁୟାଁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୫୨୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ସାମୁହିକ ୧୦ ଓ ବ୍ୟକ୍ତିଗତ ୫୧୩ ଜଣକର ରହିଥିଲା। ଶିବିର ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିବାବେଳେ ସ୍ଥାନୀୟ ପିଇଓ ନୀଳମଣି ନାଏକ ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଜିମ ହିଟର୍ସ ଚାମ୍ପିୟନ

ସିନାପାଲି,୨୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲିସ୍ଥିତ ଲାଲବାହାଦୁର ଖେଳପଡ଼ିଆଠାରେ ସ୍ଥାନୀୟ ଉଦନ୍ତୀ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚନ୍ଦନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଜନେସ ଷ୍ଟାର ଓ ଜିମ ହିଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜିମହିଟର୍ସ ଦଳ ଚାମ୍ପିୟନ ହୋଇଛି। ବିଜନେସ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ଦଶ ଓଭରରେ ୬ ଉଇକେଟ ହରାଇ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଜିମ ହିଟର୍ସ ୮.୩ ଓଭରରେ ୮ ଉଇକେଟ ହରାଇ ୧୦୨ରନ କରି ବିଜୟ ହୋଇଥିଲା। ମ୍ୟାଚରେ ଅମ୍ପୟାର ଭାବେ ଅଜୟ ବାଗ ଓ ଧନଞ୍ଜୟ ମେହେର ଖେଳ ପରିଚାଳନା କରିଥିବା ବେଳେ ଉଦଘୋଷକ ଭାବରେ ରଜତ ଠାକୁର, ବୁଦ୍ଧଦେବ ମେହେର ପ୍ରମୁଖ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଆଶା ଜୈନ ଓ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁନିତା ମେହେର, ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର, ହୀରାଲାଲ ଅଗ୍ରୱାଲ, ଆଲୋକ ମେହେର, ନାଏବ ସରପଞ୍ଚ ଶ୍ରୀକାନ୍ତ ମେହେର, ଅମିତ ଜୈନ, ରାହୁଲ ରଣା, ସତୀଶ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ ଉଦନ୍ତୀ ୟୁଥ କ୍ଲବର ସଭାପତି ସୁରଜ ମେହେର, ରାଜୁ ମେହେର ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ନୂଆପଡା ଶାଖାର ରାଜସ୍ୱ ଅମଳା ସଂଘ ବାର୍ଷିକ ସମ୍ମିଳନୀ

ନୂଆପଡ଼ା ଅଫିସ,୨୦।୧୨

ଓଡିଶା ରାଜସ୍ୱ ଅମଳା ସଂଘ ନୂଆପଡା ଶାଖାର ବାର୍ଷିକ ସାଧାରଣ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଚ୍ୟାୟାରମେନ ତ୍ରିଲୋଚନ ପୋମାର, ଭାଇସ ଚ୍ୟାୟାରମେନ ଭାବରେ ମନୋରଞ୍ଜନ ନାୟକ ଚୟନ ହୋଇଥିବା ବେଳେ ସଭାପତି ଭାବେ ଧର୍ମରାଜ ନାୟକ, ଉପସଭାପତି ରବି ରଞ୍ଜନ ବେହେରା, ଲକ୍ଷ୍ମୀବାଇ ବାଗ, ଡିଏନଏସ ଚଲାନ, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର କର୍ମୀ, ସାଧାରଣ ସମ୍ପାଦକ ମନୋଜ କୁମାର ମହାରଣା, ସମ୍ପାଦକ (ସଙ୍ଗଠକ) ପ୍ରଦୀପ କୁମାର ରାଉତ, ଯୁଗ୍ମ ସମ୍ପାଦକ ସରୋଜ କୁମାର ହୋତା, ଜାକିର ମହମ୍ମଦ, ଉପଦେଷ୍ଟା ଭାବେ



ମଞ୍ଚାସୀନ ଅମଳା କର୍ମଚାରୀମାନେ।

ଅମିୟ କୁମାର ଦାସ, ରଞ୍ଜନ କୁମାର ଛତ୍ରିଆ, ସବିତା ସାହୁ, ଶଙ୍କର ନାରାୟଣ ପୁରୋହିତ, ନରେନ୍ଦ୍ର କୁମାର ଚନ୍ଦ୍ରକାର, କୋଷାଧ୍ୟକ୍ଷ ଭାବେ ତ୍ରିଲୋଚନ ରଥ ମନୋନୀତ ହୋଇଛନ୍ତି। ବ୍ଲକସ୍ତରୀୟ ପ୍ରତିନିଧି ନୂଆପଡା ବ୍ଲକ ପାଇଁ ବୁଧୁରାମ ନାଏକ, ଗୋଦାବରୀ ଦାସ ଓ କୋମନା ବ୍ଲକ ପାଇଁ ପ୍ରେମଦାସ ପନିକା, ତ୍ରିଭୂବନ ଖମାରି, ଖଡିଆଳ ବ୍ଲକ ପାଇଁ ଅଶୋକ କୁମାର ପଣ୍ଡା, ହରିସିଂ ରାଜପୁତ, ସିନାପାଲି ପାଇଁ ଦିଲୀପ କୁମାର କର, ଗଜେନ୍ଦ୍ର ମୁଣ୍ଡ, ବୋଡେନ ବ୍ଲକ ପାଇଁ ରଞ୍ଜନ ଶବର, ସନ୍ତୋଷ ବଡତିଆ ମନୋନୀତ ହୋଇଛନ୍ତି। କାର୍ଯ୍ୟକର୍ତ୍ତା ଚୟନ ପରେ ଶପଥ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଶାଖା ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସାଧାରଣ ସମ୍ପାଦକ ଚୈତନ୍ୟ ବାଗ, କୋଷାଧ୍ୟକ୍ଷ ସୁରେନ୍ଦ୍ର ସିଂ ବାବୁ, ଟିକେଲାଲ ବେହେରା ଯୋଗଦେଇ ସଂଘର ଉନ୍ନତି କାମନା କରିଥିଲେ।

# ବିଶ୍ୱକର୍ମା ମନ୍ଦିର ଭାଙ୍ଗିଲା ପ୍ରଶାସନ

ଖଡ଼ିଆଳ,୨୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସହର ଆମ୍ବେଡକର ଛକରେ ଥିବା ବିଶ୍ୱ କର୍ମା ମନ୍ଦିର ଜେସିବି ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି। ସରକାରୀ ଜମି ଜବରଦଖଲ କରି ମନ୍ଦିର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କ ଉପସ୍ଥିତରେ ମନ୍ଦିର ଭଙ୍ଗା ଯାଇଥିଲା। ଏହି ସମୟରେ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତା ପ୍ରବଳ ବିରୋଧ କରି ପ୍ରଶାସନ ପାତର ଅନ୍ତର ନୀତି ଅବଲମ୍ବନ କରି ମନ୍ଦିର ଭାଙ୍ଗୁଥିବା ଅଭିଯୋଗ କରିଥିଲେ। ଜିଲାର ଏକମାତ୍ର ବିଶ୍ୱ କର୍ମା ଟ୍ରଷ୍ଟକୁ ସରକାରୀ ଜମିରେ ତିଆରି କରାଯାଇ ଭାଙ୍ଗି ଦିଆଯାଇଛି। ହେଲେ ସହରରେ ଅନେକ ବ୍ୟକ୍ତି ବିଶେଷ ସରକାରୀ ଜମି ଅକ୍ତିଆର କରିଛନ୍ତି। ଅନେକ ସଙ୍ଗଠନ ସରକାରୀ ଜମିରେ ଅନୁଷ୍ଠାନ ଗୃହ ନିର୍ମାଣ କରିଛନ୍ତି। ସେହି ଅନଧିକୃତ ସଙ୍ଗଠନକୁ ପ୍ରଶାସନ କେବେ ଭାଙ୍ଗିବ ବୋଲି ବିଶ୍ୱ କର୍ମା ଟ୍ରଷ୍ଟ ସମ୍ପାଦକ ଶ୍ରୀବସ୍ତ ବାରିକ ପ୍ରଶ୍ନ କରିଛନ୍ତି। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଏନଏସି କର୍ମଚାରୀ, ବ୍ୟାପକ ପୋଲିସ ମୁତୟନ ଥିଲେ। ଏ ବିଷୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲ। ରାଜା ଏଟି ସ୍କୁଲ ପାଖରେ ୧୨ ଡିସମିଲ ଜାଗାକୁ ଭଙ୍ଗାଯାଇଛି ବୋଲି କହିଛନ୍ତି।



# ଲହୁଲୁହାଣ ହୋଇ ଫେରିଲେ ଦାଦନ ଶ୍ରମିକ

ଲାଞ୍ଜିଗଡ଼,୨୦।୧୨(ଡି.ଏନ.ଏ.)

**୭ ଶ୍ରମିକଙ୍କୁ ଲକ୍ଷେ ଟଙ୍କାର ମୁଣ୍ଡ ଜାମିନ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ଓ ବେ ଗ୍ରାମପଞ୍ଚାୟତର ୭ଜଣ ଶ୍ରମିକଙ୍କୁ କାମ ଦେବାକୁ ଡାକି ନେଇ ବନ୍ଧକ ରଖି ଲକ୍ଷେ ଟଙ୍କାର ମୁଣ୍ଡ ଜାମିନ ରଖିବା ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି କି କେରଳକୁ ଦାଦନ ଖଟିବାକୁ ଯାଇଥିବା ୭ଜଣଙ୍କୁ କିଛି ବ୍ୟକ୍ତି କାମ ଦେବା ବାହାନାରେ ଧରିନେଇ ଅଜଣା ସ୍ଥାନରେ ରଖି ପ୍ରବଳ ମାଡ ମାରିବା ସହିତ ଏକ ଲକ୍ଷ ଟଙ୍କା ଦେଲେ ଛାଡିଦେବୁ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟ ଉପାୟ ନ ପାଇ ପରିବାର ଲୋକେ ଧାରକରଜ କରି ସେମାନଙ୍କ ଏକାଉଣ୍ଟକୁ ଟଙ୍କା ପଠାଇବା ପରେ ଶ୍ରମିକମାନଙ୍କୁ ରେଳ ଷ୍ଟେଶନରେ ଆଣି ଛାଡିବା ପରେ ୪ଜଣ ଶ୍ରମିକ ଘରକୁ ଫେରି ଆସିଛନ୍ତି। ଅନ୍ୟ ୩ ଜଣ ଶ୍ରମିକ ସେଠାରେ ଗୁରୁତର ଭାବେ ଜୀବନ



ଡାକ୍ତରଖାନାରେ ଶ୍ରମିକଙ୍କ ଚିକିତ୍ସା ଚାଲିଛି।

ସହିତ ସଂଘର୍ଷ କରୁଛନ୍ତି। ସେମାନେ ଟଙ୍କା ଉପାର୍ଜନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାବେଳେ ଘରୁ ଟଙ୍କା ନେଇ ମୁକୁଳି ଥିବାରୁ ଲଜ୍ଜାରେ ଘରକୁ ଫେରି ନ ଥିବା କୁହାଯାଉଛି। ଅପରପକ୍ଷରେ ୪ଜଣ ଶ୍ରମିକଙ୍କ ଆଧାରକାର୍ଡ, ଟଙ୍କା ଓ ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ହରିଶଙ୍କର ପାତ୍ର ଓ କାନକୁଟୁ ସରପଞ୍ଚ ବନମାଳୀ ମାଝିଙ୍କ ଉଦ୍ୟମକ୍ରମେ ଦୁର୍ବୃତ୍ତଙ୍କ କବଳରୁ ମୁକୁଳି ସେମାନେ ଗାଁରେ ପହଞ୍ଚିଛନ୍ତି। ପରେ ସେମାନଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଞ୍ଚଳର ଦାଦନ ସମସ୍ୟା ନେଇ କୁମଖାଲ ସରପଞ୍ଚ ତଥା ଲାଞ୍ଜିଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଧୁ ମାଝି କହିଛନ୍ତି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲୁ କି ଯାହା ଚାଲୁ ମୁଁ ଲୋକଙ୍କୁ କାମ କରିବାକୁ ବୁଝାଉଛି, ସେମାନେ ଗାଁ ଛାଡି ପଳାଇଲେ ମୁଁ କ'ଣ କରିବି ବୋଲି ସେ କହିଛନ୍ତି। ସରପଞ୍ଚଙ୍କ ଏଭଳି ମନ୍ତବ୍ୟକୁ ଲୋକେ ନିନ୍ଦା କରିଥିବାବେଳେ ଏଇଥିପାଇଁ ତାଙ୍କୁ ଆମେ ଭୋଟ ଦେଇଥିଲୁ କି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## ସାନପୋଡ଼ାଗୁଡ଼ାରେ ଯୁଗ୍ମଜନଶୁଣାଣି ଶିବିର

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୁଡା ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟରାମ ନାଗଙ୍କ ସଭାପତିତ୍ୱରେ ଅତିରିକ୍ତ ତହସିଲଦାର ମୋହନ କୁମାର ଜେନା, କୃଷି ଅଧିକାରୀ ହେମାନନ୍ଦ ମାଝି, ବିଏସଏସଓ ଦୀପକ କୁମାର ବେହେରା, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ଯୋଗାଣ ବିଭାଗୀୟ ଅଧିକାରୀ ଜଗାରାମ ମୁର୍ମୁ ଓ ଅନ୍ୟ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜନଶୁଣାଣିରେ ମୋଟ ୭୭୪ଟି ଅଭିଯୋଗ ପଞ୍ଜୀକରଣ ହୋଇଛି।

## ସଂକ୍ଷେପରେ

### ଲଡୁଗାଁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କୋକସରା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ସରପଞ୍ଚ ନକୁଳ ନାଏକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତ୍ରିନାଥ ଠାକୁର, ବନମାଳୀ ମାଝି, ପ୍ରଫୁଲ୍ଲ ଚନ୍ଦ୍ର ମାଝି, ସୁବାସ ଚନ୍ଦ୍ର ଅଗ୍ରୱାଲ, ଟୁନୁ ମହାନନ୍ଦ, ପଙ୍କଜ ମୁଖ ଚୌଧୁରୀ, ଶ୍ରୀମନ୍ତ ପାଢ଼ୀ, ରବିନାରାୟଣ ଦାସ, ବ୍ୟୋମକେଶ ସାହୁ, କିଶାନ ରାଉତ, କିଶୋର ଚନ୍ଦ୍ର ଦାସ, ସୁରେଶ ନାଏକ, ଦଶରଥ ଦୁର୍ଗା, ଷ୍ଟେଟବ୍ୟାଙ୍କ ମ୍ୟାନେଜର ଜିତେନ୍ଦ୍ର ଜେନା ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବୁଦ୍ଧିମାନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁକା ସାହୁ ଧନ୍ୟବାଦ ଦେଇଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖଡ଼ିଆଳ,୨୦।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନି କକ୍ଷରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଜିଲାପାଳ ହେମାକାନ୍ତ ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଛି। ସେଥିରୁ ୧୩ଟି ଗୋଷ୍ଠି ଏବଂ ୨୫ଟି ବ୍ୟକ୍ତିଗତ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପଜିଲାପାଳ ରାମଚନ୍ଦ୍ର ଖାଡ଼ିଆ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ପିଡି ଡିଆରଡିଏ ମଧୁଛନ୍ଦା ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଥିବାବେଳେ ତହସିଲଦାର ସିନ୍ଧୁ ସୁତା ପାତ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଅବକାରୀ ଉପନିରୀକ୍ଷକ ଡମ୍ବରୁଧର ହରିଜନଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ସମସ୍ୟା ପଦକ୍ଷେପ ନେବାକୁ ସମ୍ମତି ପ୍ରକାଶ କରିଥିଲେ।

### ମହାମାୟା କଲେଜର ପ୍ରଥମ ବାର୍ଷିକ କ୍ରୀଡ଼ା

ଖଡ଼ିଆଳ,୨୦।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳସ୍ଥିତ ମହାମାୟା କଲେଜର ପ୍ରଥମ ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷା ସୁନିତା ତିୱାରୀ ମଶାଲ ଗ୍ରହଣ କରି ଛାତ୍ରୀଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ାବୀତ ମନୋଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କଲେ ସଫଳତା ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖଅତିଥି ରୂପେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ଅଧାପକ ଡ଼ା ସରୋଜ କୁମାର ପଣ୍ଡା ଯୋଗଦେଇଥିବା ବେଳେ ନୂଆପଡ଼ା ମହାମାୟାର ଖେଳ ଶିକ୍ଷକ ଏମ କୁମାର ଖରସେଲ, ପରୀକ୍ଷିତ, ଦିନେଶ କୁମାର ସତନାମୀ, ମାନସ କୁମାର ମେହେର, ଶୈଳେଶ ଚନ୍ଦ୍ର ମହାନ୍ତି, ସୁନିତା ଦାଶ, କଳ୍ପନା ରାଉତ, ଉପେନ୍ଦ୍ର ନାଏକ, ଲିଜା ରାଣୀ ସମୁଏଲ, ଗୁଲନାଜ ବେଗମ, ବିପିନ ମହାନନ୍ଦ ପ୍ରମୁଖ ସହାୟକ କରିଥିଲେ।

### ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ପଲମ/କର୍ଲାମୁଣ୍ଡା,୨୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତସ୍ଥିତ ଶିଶାଖାଲ ଗୁରୁଦେବ ଶ୍ରୀରାମଚନ୍ଦ୍ର ଯୁକ୍ତ ୨ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଦ୍‌ଗୁରୁ ଗୁରୁଦେବ ଶ୍ରୀରାମଚନ୍ଦ୍ର ପଧାନ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ନର୍ଲା ବିଧାୟକ ଧନେଶ୍ୱର ମାଝି, ମୁଖ୍ୟବକ୍ତା ଭାବେ ଗଗନ ବିହାରୀ ମହାପାତ୍ର, ହରଗୌରୀ ମହାବିଦ୍ୟାଳୟ ଇଂଲିଶ ଅଧାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ସୁବୋଧ କୁମାର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ଶ୍ୟାମକୁମାର ବାଗ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ଏବିଇଓ ସହଦେବ ସୁନା, ଶ୍ରୀରାମଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟ ସଭାପତି ଦଇତାରି ସାହୁ, ସମ୍ପାଦକ ହେମନ୍ତ ସାହୁ ଉପସ୍ଥିତ ରହିଥିଲେ। ଯୋରାଡବରା ସରପଞ୍ଚ ଖିତିସୁତା ସାହୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀରାମଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟ ସେବକ ପୀତାମ୍ବର ସାହୁ ଓ ସୁକ୍ତା ସାହୁ ସହଯୋଗ କରିଥିଲେ। ସଂଯୋଜକ ପ୍ରଶାନ୍ତ କୁମାର ଦାସ ମଞ୍ଚ ପରିଚଳନା କରିଥିଲେ। ଧ୍ରୁବଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ବରଗଡ଼ରେ ଜାତୀୟ ଡୁମାଲ ଦିବସ

ବରଗଡ଼ ଅଫିସ୍,୨୦।୧୨



ସେବା ପାଇଁ ଡୁମାଲ ସମାଜର ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼ର ଏକ ହୋଟେଲରେ ମଙ୍ଗଳବାର ମାଁ ମାହେଶ୍ୱରୀ ସଂସ୍କୃତି ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଜାତୀୟ ଡୁମାଲ ଦିବସ ପାଳିତ ହୋଇଛି। ପରିଷଦର ରାଜ୍ୟ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ, ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ, ଜିଲା ପଛୁଆ ବର୍ଗ କଂଗ୍ରେସ ସଭାପତି ପାଣ୍ଡବ କର୍ଣ୍ଣ, ମାହେଶ୍ୱରୀ ସାଂସ୍କୃତିକ ପରିଷଦର ମହିଳା ରାଜ୍ୟ ସଭାନେତ୍ରୀ ହେମାବତୀ କର୍ଣ୍ଣ, ବିଜୁ ସାଂସ୍କୃତିକ ସାମ୍ଭୁଖ୍ୟର ଜୟମଙ୍ଗଳ ବିଶି, ରାଜ୍ୟ ଡୁମାଲ ପରିଷଦର ପୂର୍ବତନ କୋଷାଧ୍ୟକ୍ଷ ମୁରଲୀଧର ପାତ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, କଳାକାର ସଂଘ ସଭାପତି ସାଗର ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।

ପରିଷଦର ଉପସଭାପତି ଚୈତନ୍ୟ କର୍ଣ୍ଣ ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ମୀନାକ୍ଷୀ ଦନ୍ତା, ଅନୁପମା ବେହେରା, ସୁନୀତା କର୍ମୀ, କମଳା ପ୍ରଧାନ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ପରିଷଦର ମୁଖପତ୍ର 'ଆମେ ଡୁମାଲ'ର ପଞ୍ଚମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡୁମାଲ ସମାଜର ଅନୁଷ୍ଠାନ ଏବଂ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ାକ୍ଷେତ୍ରରେ ସନ୍ତୋଷ ପ୍ରଧାନ, କଳାକ୍ଷେତ୍ରରେ ଭାଗବତିଆ ଦେହେରୀ, ସିଦ୍ଧେଶ୍ୱର କର୍ଣ୍ଣ, ସୁରୁ ମହାକୁର, ସିଦ୍ଧେଶ୍ୱର ବଘାର, ସାମ୍ବାଦିକତାରେ ଧ୍ରୁବ କର୍ମୀ, ସେବା କ୍ଷେତ୍ରରେ ନିର୍ମଳ ଦେହେରୀ, ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହି ଅବସରରେ ମାହେଶ୍ୱରୀ କୀର୍ତ୍ତନ ମଣ୍ଡଳୀ, ଖଲିଆପାଲି କୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ସହିତ ଅତିଥିମାନଙ୍କୁ ସଭାସ୍ଥଳୀକୁ ପାଛୋଟି ଆଣିଥିଲେ। ଭେଡ଼େନ ବ୍ଲକ ହିରୋମୁଣ୍ଡା ସ୍ଥିତ ମାହେଶ୍ୱରୀ ମନ୍ଦିରର ସେବାୟତମାନେ ମାଁ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ସମାଜର ଉନ୍ନତି ପାଇଁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଭୁବନେଶ୍ୱର ଏବଂ ବରଗଡ଼ରେ ଡୁମାଲ ସମାଜର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି କରିବାକୁ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବରଗଡ଼ ଭଟଲି ଛକ ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ ହୀରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ବିଳାସପୁର-ଭୁବନେଶ୍ୱର ପ୍ରଥମ ସେମିଫାଇନାଲ

ଖଡ଼ିଆଳ,୨୦।୧୨(ଡି.ଏନ.ଏ.)

**୨୦ ତମ କେସିଏସଏ କ୍ରିକେଟ୍**

ନୂଆପଡା ଜିଲା ଖଡ଼ିଆଳ ରାଜାଏଟି ଖେଳ ପଡିଆଠାରେ ୨୦ତମ ସର୍ବଭାରତୀୟ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ବିଳାଶପୁର ରେଲୱେ ଓ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ବିଳାଶପୁର ରେଲୱେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୮୧ରନ କରିଥିଲା। ବିଶାଖାପାଟଣା ୧୯ ଓଭରରେ ୧୧୧ ରନ କରି ପରାଜିତ ହୋଇଥିଲା। ୨ୟ ମ୍ୟାଚ ଭୁବନେଶ୍ୱର ଟାଉନ କ୍ଲବ ଓ ବରଗଡ ମଧ୍ୟରେ ହୋଇଥିଲା। ବରଗଡ ବ୍ୟାଟିଂ କରି ୧୫ ଓଭରରେ ୧୦୦ ରନ କରିଥିଲା। ଭୁବନେଶ୍ୱର ଟାଉନ ୧୫ ଓଭରରେ ୧୦୬ ରନ କରି ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ପ୍ରତାପ ପାତ୍ର ଓ ସୀମିତ ଦଳାଇ। ଧାରାବିବରଣୀ ପ୍ରଦାନ କରିଥିଲେ ବିଶଜିତ ପାଢ଼ୀ, ଆଶିଷ ତ୍ରିବେଦୀ, ଟୁନା ନାଏକ ଓ ସ୍କୋରର ଭାବେ ସରୋଜ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମ ମ୍ୟାଚ୍ ମୁଖ୍ୟଅତିଥି ଭାବେ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କ ସହ ସମସ୍ତ କାଉନସିଲର ଯୋଗଦେଇଥିଲେ। ୨ୟ ମ୍ୟାଚରେ ମୁଖ୍ୟଅତିଥି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ କମିଟି ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ସଦସ୍ୟ ଟୁନା ନାଏକ, ଗୁଡୁ ପାଣିଗ୍ରାହୀ, ଅମିତାଭ ପଟେଲ, ନେତ୍ରାନନ୍ଦ ଶବର, ଶ୍ୟାମ ସୁନ୍ଦର ନାଗ, ସରୋଜ ପଣ୍ଡା, ଆଦିତ୍ୟ ମହାପାତ୍ରଙ୍କ ସେମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବୁଧବାର ବିଳାଶପୁର ଓ ଭୁବନେଶ୍ୱର ମଧ୍ୟରେ ପ୍ରଥମ ସେମିଫାଇନାଲ ହେବ ବୋଲି କେସିଏସଏ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ପ୍ରକଳ୍ପ ବୁଲି ଦେଖିଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

ବରଗଡ଼ ଅଫିସ୍,୨୦।୧୨



ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ପାଇକମାଳ ବ୍ଲକର ଏକ ପ୍ରକଳ୍ପ ଦେଖି ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ମଙ୍ଗଳବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ଜିଲାର ପାଇକମାଳ ଏବଂ ଝାରବନ୍ଧ ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ବିକାଶଭିତ୍ତିକ ପ୍ରକଳ୍ପ ବୁଲି ଦେଖିଥିଲେ। ଏହାସହିତ ପାଇକମାଳ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ସେ ଯୋଗଦାନ କରିଥିଲେ ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତ୍ରିପାଠୀ ତାଙ୍କର ଏହି ଗସ୍ତ ସମୟରେ ପାଇକମାଳ ବ୍ଲକ ମାଣ୍ଡୋସିଲର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ବିହନ ପ୍ରକ୍ରିୟାକରଣ କେନ୍ଦ୍ର, ଛେତଗାଁ ପଞ୍ଚାୟତର ପରଶଖଣ୍ଡି ଗ୍ରାମର ପୁଷ୍ପଲତା ସାହୁଙ୍କ ଛେଳି ପାଳନ କେନ୍ଦ୍ର, ଝାରବନ୍ଧ ବ୍ଲକ ଚଣ୍ଡିଭଟା ଗ୍ରାମରେ ଓରମାସ ପକ୍ଷରୁ କରାଯାଇଥିବା କଳାଧାନ ଓ ମାଣ୍ଡିଆ ପରିଦର୍ଶନ କେନ୍ଦ୍ର ପରିଦର୍ଶନ କରିଥିଲେ। ମାଣ୍ଡୋସିଲର ବିହନ ପ୍ରକ୍ରିୟାକରଣ କେନ୍ଦ୍ରର ଚାଷୀଙ୍କୁ ସରକାର ୪୦ ପ୍ରତିଶତ ରିହାତିରେ ଏହି ପ୍ରକଳ୍ପ ଯୋଗାଇ ଦେଇଥିବାବେଳେ ପରଶଖଣ୍ଡି ଗ୍ରାମର ଛେଳି ପାଳନ ନିମିତ୍ତ ପୁଷ୍ପଲତା ସାହୁ ୫୦ ପ୍ରତିଶତ ରିହାତି ପାଇଥିବା ସୂଚନା ଦିଆଯାଇଥିଲା। ତାଙ୍କ ଛେଳି ପାଳନ କେନ୍ଦ୍ରରେ ଏବେ ୩୦୦ ଛେଳି ରହିଥିବାବେଳେ ଆଗକୁ ଆହୁରି ଛେଳି ସଂଖ୍ୟା ବଢ଼ିବ ବୋଲି ଆଶା ରଖିଥିବା ପୁଷ୍ପଲତା କହିଥିଲେ। ତ୍ରିପାଠୀଙ୍କ ସହିତ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ପଦ୍ମପୁର ଜିଲା କୃଷି ଅଧିକାରୀ ଅମୀୟ ସାହୁ, ସହକାରୀ କୃଷି ନିର୍ଦ୍ଦେଶକ ରବି ନାରାୟଣ ସେନାପତି, ମୁଖ୍ୟ ଜିଲା ପଶୁ ଚିକିତ୍ସାଧିକାରୀ ଡା. ନୀଳମଣି ଦୀପ, ଓର୍‌ମାସ୍‌ର ଡେପୁଟି ସିଇଓ ରାଜଗୋପାଳ ଦାଶଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

**ବିକାଶଭିତ୍ତିକ ପ୍ରକଳ୍ପ ବୁଲି ଦେଖିଲେ**

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୁନାଗଡ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ ସରପଞ୍ଚ ସ୍ମିତା ପଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତହସିଲଦାର ବେଦବ୍ୟାସ ଭୋଇ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ବିଏସଏସଓ ତୁଷାର ରଞ୍ଜନ ସାହୁ, ଡବ୍ଲୁଇଓ ସୁମନ୍ତ କୁମାର ମାଝି, ଏଇଇ ସୁଜିତ କୁମାର ଭୂୟାଁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୫୨୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ସାମୁହିକ ୧୦ ଓ ବ୍ୟକ୍ତିଗତ ୫୧୩ ଜଣକର ରହିଥିଲା। ଶିବିର ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିବାବେଳେ ସ୍ଥାନୀୟ ପିଇଓ ନୀଳମଣି ନାଏକ ସହଯୋଗ କରିଥିଲେ।

## ଘୁମୁରା ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଜୁନାଗଡ,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇ ଗାଁ ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଉପଲକ୍ଷେ ପଞ୍ଚାୟତସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମଳୟ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପିଇଓ ଟୁନୁ ଗଡ଼ତିଆ, କୁଲିହାରି ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢ଼ୀ, ଲକ୍ଷ୍ମଣ ରଣ ବୀର, ସମିତି ସଭ୍ୟା ମମତା ପାତ୍ର ଓ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ପୂର୍ବତନ ପ୍ରଧାନ ଶିକ୍ଷକ ସମୀର କୁମାର ନାଏକ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କ୍ରିକେଟ ଟୁର୍ନାମେଣ୍ଟ: ଜିମ୍ ହିଟର୍ସ ଚାମ୍ପିୟନ

ସିନାପାଲି,୨୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲିସ୍ଥିତ ଲାଲବାହାଦୁର ଖେଳପଡ଼ିଆଠାରେ ସ୍ଥାନୀୟ ଉଦନ୍ତୀ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଚନ୍ଦନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବିଜନେସ ଷ୍ଟାର ଓ ଜିମ ହିଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜିମହିଟର୍ସ ଦଳ ଚାମ୍ପିୟନ ହୋଇଛି। ବିଜନେସ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ଦଶ ଓଭରରେ ୬ ଉଇକେଟ ହରାଇ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଜିମ ହିଟର୍ସ ୮.୩ ଓଭରରେ ୮ ଉଇକେଟ ହରାଇ ୧୦୨ରନ କରି ବିଜୟ ହୋଇଥିଲା। ମ୍ୟାଚରେ ଅମ୍ପୟାର ଭାବେ ଅଜୟ ବାଗ ଓ ଧନଞ୍ଜୟ ମେହେର ଖେଳ ପରିଚାଳନା କରିଥିବା ବେଳେ ଉଦଘୋଷକ ଭାବରେ ରଜତ ଠାକୁର, ବୁଦ୍ଧଦେବ ମେହେର ପ୍ରମୁଖ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଆଶା ଜୈନ ଓ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁନିତା ମେହେର, ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର, ହୀରାଲାଲ ଅଗ୍ରୱାଲ, ଆଲୋକ ମେହେର, ନାଏବ ସରପଞ୍ଚ ଶ୍ରୀକାନ୍ତ ମେହେର, ଅମିତ ଜୈନ, ରାହୁଲ ରଣା, ସତୀଶ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ ଉଦନ୍ତୀ ୟୁଥ କ୍ଲବର ସଭାପତି ସୁରଜ ମେହେର, ରାଜୁ ମେହେର ପ୍ରମୁଖଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ବୌଦ୍ଧରେ ଭାଜପାର କାର୍ଯ୍ୟକାରିଣୀ ବୈଠକ

ବୌଦ୍ଧ,୨୦।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଦିନ ଟାଉନହଲ ଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାଜପା ରାଜ୍ୟ ସଭାପତି ସମୀର କୁମାର ମହାନ୍ତି ଯୋଗଦେଇ ଦଳର ରଣନୀତି ଓ ଆଗାମୀ ନିର୍ବାଚନରେ ଭାଜପା କିପରି ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରିବ ସେଥିପାଇଁ ବୁଥସ୍ତରୀୟ କର୍ମକର୍ତ୍ତା, ମୋର୍ଚ୍ଚାର ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଲୋକସଭାର କୋର କମିଟି ସଦସ୍ୟାସଦସ୍ୟମାନଙ୍କୁ ରାଜ୍ୟ ଭାଜପା ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଦଳ ପାଇଁ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ସଂଯୋଜକ ରମେଶ ମହାନ୍ତି, ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର, ସଚ୍ଚିଦାନନ୍ଦ ଦଲାଲ, ଜିଲା ସଂଯୋଜକ ଯୁଗୋଳ କିଶୋର ସାମଲ, ସୁଶାନ୍ତ ପ୍ରଧାନ, ଅଟଳ ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ତାପସ ପଟ୍ଟନାୟକ, ସଂଯୁକ୍ତା ନାୟକ, ନିରଞ୍ଜନ ଦାନୀ, ଶ୍ୟାମସୁନ୍ଦର ପୁରୋହିତ , ପ୍ରଦୋଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବିଶ୍ୱକର୍ମା ମନ୍ଦିର ଭାଙ୍ଗିଲା ପ୍ରଶାସନ

ଖଡ଼ିଆଳ,୨୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସହର ଆମ୍ବେଡକର ଛକରେ ଥିବା ବିଶ୍ୱ କର୍ମା ମନ୍ଦିର ଜେସିବି ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି। ସରକାରୀ ଜମି ଜବରଦଖଲ କରି ମନ୍ଦିର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କ ଉପସ୍ଥିତରେ ମନ୍ଦିର ଭଙ୍ଗା ଯାଇଥିଲା। ଏହି ସମୟରେ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତା ପ୍ରବଳ ବିରୋଧ କରି ପ୍ରଶାସନ ପାତର ଅନ୍ତର ନୀତି ଅବଲମ୍ବନ କରି ମନ୍ଦିର ଭାଙ୍ଗୁଥିବା ଅଭିଯୋଗ କରିଥିଲେ। ଜିଲାର ଏକମାତ୍ର ବିଶ୍ୱ କର୍ମା ଟ୍ରଷ୍ଟକୁ ସରକାରୀ ଜମିରେ ତିଆରି କରାଯାଇ ଭାଙ୍ଗି ଦିଆଯାଇଛି। ହେଲେ ସହରରେ ଅନେକ ବ୍ୟକ୍ତି ବିଶେଷ ସରକାରୀ ଜମି ଅକ୍ତିଆର କରିଛନ୍ତି। ଅନେକ ସଙ୍ଗଠନ ସରକାରୀ ଜମିରେ ଅନୁଷ୍ଠାନ ଗୃହ ନିର୍ମାଣ କରିଛନ୍ତି। ସେହି ଅନଧିକୃତ ସଙ୍ଗଠନକୁ ପ୍ରଶାସନ କେବେ ଭାଙ୍ଗିବ ବୋଲି ବିଶ୍ୱ କର୍ମା ଟ୍ରଷ୍ଟ ସମ୍ପାଦକ ଶ୍ରୀବତ୍ସ ବାରିକ ପ୍ରଶ୍ନ କରିଛନ୍ତି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଏନଏସି କର୍ମଚାରୀ, ବ୍ୟାପକ ପୋଲିସ ମୁତୟନ ଥିଲେ। ଏ ବିଷୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲ। ରାଜା ଏଟି ସ୍କୁଲ ପାଖରେ ୧୨ ଡିସମିଲ ଜାଗାକୁ ଭଙ୍ଗାଯାଇଛି ବୋଲି କହିଛନ୍ତି।



# ଲହୁଲୁହାଣ ହୋଇ ଫେରିଲେ ଦାଦନ ଶ୍ରମିକ

ଲାଞ୍ଜିଗଡ଼,୨୦।୧୨(ଡି.ଏନ.ଏ.)



ଡାକ୍ତରଖାନାରେ ଶ୍ରମିକଙ୍କ ଚିକିତ୍ସା ଚାଲିଛି।

**୭ ଶ୍ରମିକଙ୍କୁ ଲକ୍ଷେ ଟଙ୍କାର ମୁଣ୍ଡ ଜାମିନ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କୁମଖାଲ ଓ ବେ ଗ୍ରାମପଞ୍ଚାୟତର ୭ଜଣ ଶ୍ରମିକଙ୍କୁ କାମ ଦେବାକୁ ଡାକି ନେଇ ବନ୍ଧକ ରଖି ଲକ୍ଷେ ଟଙ୍କାର ମୁଣ୍ଡ ଜାମିନ ରଖିବା ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି କି କେରଳକୁ ଦାଦନ ଖଟିବାକୁ ଯାଇଥିବା ୭ଜଣଙ୍କୁ କିଛି ବ୍ୟକ୍ତି କାମ ଦେବା ବାହାନାରେ ଧରିନେଇ ଅଜଣା ସ୍ଥାନରେ ରଖି ପ୍ରବଳ ମାଡ ମାରିବା ସହିତ ଏକ ଲକ୍ଷ ଟଙ୍କା ଦେଲେ ଛାଡିଦେବୁ ବୋଲି ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟ ଉପାୟ ନ ପାଇ ପରିବାର ଲୋକେ ଧାରକରଜ କରି ସେମାନଙ୍କ ଏକାଉଣ୍ଟକୁ ଟଙ୍କା ପଠାଇବା ପରେ ଶ୍ରମିକମାନଙ୍କୁ ରେଳ ଷ୍ଟେଶନରେ ଆଣି ଛାଡିବା ପରେ ୪ଜଣ ଶ୍ରମିକ ଘରକୁ ଫେରି ଆସିଛନ୍ତି। ଅନ୍ୟ ୩ ଜଣ ଶ୍ରମିକ ସେଠାରେ ଗୁରୁତର ଭାବେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ସେମାନେ ଟଙ୍କା ଉପାର୍ଜନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାବେଳେ ଘରୁ ଟଙ୍କା ନେଇ ମୁକୁଳି ଥିବାରୁ ଲଜ୍ଜାରେ ଘରକୁ ଫେରି ନ ଥିବା କୁହାଯାଉଛି। ଅପରପକ୍ଷରେ ୪ଜଣ ଶ୍ରମିକଙ୍କ ଆଧାରକାର୍ଡ, ଟଙ୍କା ଓ ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ହରିଶଙ୍କର ପାତ୍ର ଓ କାନକୁଟୁ ସରପଞ୍ଚ ବନମାଳୀ ମାଝିଙ୍କ ଉଦ୍ୟମକ୍ରମେ ଦୁର୍ବୃତ୍ତଙ୍କ କବଳରୁ ମୁକୁଳି ସେମାନେ ଗାଁରେ ପହଞ୍ଚିଛନ୍ତି। ପରେ ସେମାନଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଞ୍ଚଳର ଦାଦନ ସମସ୍ୟା ନେଇ କୁମଖାଲ ସରପଞ୍ଚ ତଥା ଲାଞ୍ଜିଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଧୁ ମାଝି କହିଛନ୍ତି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲୁ କି ଯାହା ଚାଲୁ ମୁଁ ଲୋକଙ୍କୁ କାମ କରିବାକୁ ବୁଝାଉଛି, ସେମାନେ ଗାଁ ଛାଡି ପଳାଇଲେ ମୁଁ କ'ଣ କରିବି ବୋଲି ସେ କହିଛନ୍ତି। ସରପଞ୍ଚଙ୍କ ଏଭଳି ମନ୍ତବ୍ୟକୁ ଲୋକେ ନିନ୍ଦା କରିଥିବାବେଳେ ଏଇଥିପାଇଁ ତାଙ୍କୁ ଆମେ ଭୋଟ ଦେଇଥିଲୁ କି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## ସ୍ବଚ୍ଛତା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,(ଡି.ଏନ.ଏ.): ସ୍ଥାନୀୟ ଭବାନୀଶଙ୍କର ସରକାରୀ ହାଇସ୍କୁଲ ଠାରେ ପାୱାର ଗ୍ରୀଡ କର୍ପୋରେଶନ ଅଫ ଇଣ୍ଡିଆ ସୁନ୍ଦରଗଡ ଶାଖା କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ଚାରି ପାଖ ସ୍ବଚ୍ଛତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ରଚନା ଓ ଅଳିଆରୁ ଖେଳନା ପ୍ରତିଯୋଗିତା ହୋଇଥିଲା। ସିନିୟର ଜେନେରାଲ ମ୍ୟାନେଜର ଜ୍ୟୋତିର୍ମୟୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ସୁଧାଂଶୁ ଚୌଧୁରୀ ଓ ଜେନେରାଲ ମ୍ୟାନେଜର (ଏଚଆର) ପୁରୁଷୋତ୍ତମ ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ଘୋଷ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ସେଲ୍‌ଫି ନେବା ବେଳେ ନଦୀରେ ଖସି ପଡିଥିବା ଯୁବକଙ୍କ ମୃତଦେହ ଜବତ

ସୁନ୍ଦରଗଡ,୨୦।୧୨(ଡି.ଏନ.ଏ.): ସେଲ୍‌ଫି ନେବା ବେଳେ ଇବ୍ ନଦୀର ଘୋଘର କନାକୁଣ୍ଡଠାରେ ପାଣିରେ ଖସି ପଡିଥିବା ସୋମେଶ ମଲ୍ଲିକ(୨୫)ଙ୍କ ମୃତଦେହ ମଙ୍ଗଳବାର ଅପରାହ୍ନ ସାଢେ ୧୨ଟା ବେଳେ ଜବତ ହୋଇଛି। ଅଗ୍ନିଶମ ବାହିନୀ , ଓଡ୍ରାଫ ଟିମ୍ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ନିଖୋଜ ଥିବା ଏହି ଯୁବକଙ୍କ ମୃତଦେହ ଜବତ କରିବାରେ ସଫଳ ହୋଇଛନ୍ତି । ପ୍ରକାଶ ଯେ, ରାଉରକେଲା ସେକ୍ଟର-୧୫ର ସୋମେଶ ଗତ ରବିବାର ରାଉରକେଲାରୁ ଏକ କାର ଯୋଗେ ତାଙ୍କର ୪ଜଣ ସାଙ୍ଗଙ୍କ ସହ ସୁନ୍ଦରଗଡ ତଳସରା ଥାନା ଅନ୍ତର୍ଗତ ଇବ୍ ନଦୀର ଘୋଘର କନାକୁଣ୍ଡ ଘାଟକୁ ପିକ୍‌ନିକ୍ କରିବାକୁ ଆସିଥିଲେ। ଏହି ସମୟରେ ସେ ସେଠାରେ ମୋବାଇଲ ଫୋନରେ ସେଲ୍‌ଫି ନେଉଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ ଖସି ଯିବାରୁ ସେ ପାଣିରେ ପଡି ଯାଇଥିଲେ। ଏଭଳି ଅଘଟଣ ପରେ ପ୍ରଥମେ ତାଙ୍କ ସାଙ୍ଗ ଓ ସେଠାରେ ଉପସ୍ଥିତ ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ସର୍ଚ୍ଚ ଅପରେଶନ କରିବା ପରେ ମଙ୍ଗଳବାର ପାଣି ଭିତରୁ ସୋମେଶଙ୍କ ମୃତଦେହ ଜବତ ହୋଇଥିଲା । ତଳସରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମୃତଦେହ ଜବତ ବେଳେ ସୋମେଶଙ୍କ ମାଆବାପା ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଏନେଇ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଦୋକାନରେ ଲାଗିଲା ନିଆଁ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଲହୁଣୀପଡ଼ା,୨୦।୧୨ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା ମୁଖ୍ୟ ବଜାର ଗୋଲେଇ ଛକ ନିକଟରେ ଥିବା ୨ଟି ଦୋକାନରେ ନିଆଁ ଲାଗି ପୋଡିଯାଇଛି । କ୍ଷୟକ୍ଷତିର ପରିମାଣ ପ୍ରାୟ ଲକ୍ଷାଧିକ ଟଙ୍କା ହେବ । ପ୍ରକାଶ ଯେ, ଦୁର୍ଗାପୂଜା ମଣ୍ଡପ ପାର୍ଶ୍ୱରେ ସୁଦର୍ଶନ କିଷାନଙ୍କ ଜଳଖିଆ ଦୋକାନ ଏବଂ ପଛକୁ ଲାଗି ସଞ୍ଜିବ ଜୟସାଲଙ୍କ ଓମଫେଡ, ଥଣ୍ଡା ପାନୀୟ ଦୋକାନ ରହିଛି। ଦୁଇ ଦୋକାନୀ ପ୍ରତିଦିନ ଭଳି ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲି ଯାଇଥିଲେ। କିନ୍ତୁ ରାତି ପ୍ରାୟ ୩ ଟା ସମୟରେ କୌଣସି କାରଣରୁ ଉଭୟଙ୍କ ଦେକାନରେ ନିଆଁ ଲାଗିଯାଇଥିଲା। ଫଳରେ ଦୋକାନ ଭିତରେ ଥିବା ସମସ୍ତ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲାଗିଥିବା ଦେଖି ଦୁଇ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରାଜଗାଙ୍ଗପୁର ଲମଲୋଇ ଡକାୟତି ଘଟଣାର ପର୍ଦ୍ଦାଫାଶ

ରାଜଗାଙ୍ଗପୁର,୨୦।୧୨(ଡି.ଏନ.ଏ.): ରାଜଗାଙ୍ଗପୁର ପୋଲିସ ଏକ ଡକାୟତି ଘଟଣାର ପର୍ଦାଫାଶ କରିବାରେ ସଫଳ ହୋଇଛି । ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲମଲୋଇ ଗ୍ରାମର ସୁଶିଲା ଲାକ୍ରାଙ୍କ ଘରୁ ଗତ ଅଗଷ୍ଟ ମାସ ୨୪ ତାରିଖ ରାତିରେ ଡକାୟତି ହୋଇଥିଲା ଡକାୟତମାନେ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ । ରାଜଗାଙ୍ଗପୁର ଥାନାରେ ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରହିଥିଲା । ଏହି ଘଟଣାରେ ଥାନାଧିକାରୀ ବି. ପ୍ରଧାନ ଓ ଅନ୍ୟ ଅଧିକାରୀମାନେ କୁତ୍ରା (ଗୁଲେପଡା)ଅଞ୍ଚଳର ଦେବେନ୍ଦ୍ର ବାଙ୍କରାଙ୍କୁ ଗିରଫ କରିବାରେ ସଫଳ ହେବା ପରେ ସମସ୍ତ ଗୁମର ଖୋଲିଥିଲା । ଅଭିଯୁକ୍ତଙ୍କ ଠାରୁ ଏକ ଦେଶୀ ପିସ୍ତଲ ସହ ଡକାୟତି ଘଟଣାରେ ବ୍ୟବହୃତ ଆପାଚି ମୋଟର ସାଇକଲ ନଂ ଓଡି୧୬ଡି ୭୭୧୮ ପୋଲିସ ଜବତ କରିଥିଲା । ଏହାଛଡା ଚୋରି ସାମଗ୍ରୀ କିଣିବା ଘଟଣାରେ ବଡଗାଁ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଓ ୩ ଟି ମୋବାଇଲ ଜବତ କରିଛି । ଦୁଇଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ଏକ ଖବରଦାତା ସମ୍ମିଳନୀ କରି ଏହା ପ୍ରକାଶ କରିଛନ୍ତି ।

# ଜମିବାଡ଼ି ଲୋଭରେ ଖୁଡ଼ୀଙ୍କୁ ହତ୍ୟା କରିଥିଲେ ପୁତୁରା

ଟେନସା,୨୦।୧୨(ଡି.ଏନ.ଏ.)

### ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଶଗଡ଼ଭଙ୍ଗା ଜଙ୍ଗଲରୁ ଗତ ୧୨ ତାରିଖ ଦିନ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଜବତ କରିଥିଲା। ମଙ୍ଗଳବାର ଦିନ ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି କୋଇଡା ପୋଲିସ। ନିହତ ମହିଳା ହେଲେ ସୁନ୍ଦରଗଡ ଜିଲା ସୀମାନ୍ତ କେନ୍ଦୁଝର ଜିଲା ରୁଗୁଡିହି ଥାନା ଅନ୍ତର୍ଗତ ପାରମସାହି ନୂଆଗାଁ ଗୁଆଲି ଅଞ୍ଚଳର ମାଙ୍ଗିରି ମୁଣ୍ଡା (୪୧)। ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ଓ କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି । ଜମିବାଡି ଲୋଭରେ ପୁତୁରା ସୁବାସ ମୁଣ୍ଡା(୩୦) ନିଜ ସାଥୀଙ୍କ ସହ ମିଶି ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ମାଙ୍ଗିରି ସ୍ୱାମୀ ମରିବା ପରଠାରୁ ଘରେ ଏକୁଟିଆ ରହି ଆସୁଥିଲେ। ରବିବାର ଗାଁରେ ପୂଜା ଥିବାରୁ ସାମଗ୍ରୀ କିଣିବାକୁ ଶନିବାର ସାପ୍ତାହିକ ହାଟ କୋଇଡାକୁ ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନ ଥିଲେ । ପରେ ଜଙ୍ଗଲରୁ ତାଙ୍କ ମୃତଦେହ ଓ ରକ୍ତ ଲଗା ପଥର ଜବତ କରି ମହିଳାଙ୍କ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରଖିଥିଲା। ଏପରି କି ସନ୍ଧାନୀ କୁକୁର ସାହାଯ୍ୟ ନିଆଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । କୋଇଡା ଥାନା କିମ୍ବା ନିକଟସ୍ଥ ଥାନାରେ ମହିଳା ନିରୁଦ୍ଦିଷ୍ଟ ନେଇ କେହି ଏତଲା ମଧ୍ୟ ଦେଇ ନ ଥିଲେ । ଶେଷରେ ଜଙ୍ଗଲ ନିକଟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସି ଟିଭି ଫୁଟେଜରୁ ପୋଲିସ ଜଣେ ମହିଳା ଯିବାର ଦେଖିବାକୁ ପାଇଥିଲେ। ଏହାକୁ ଆଧାର କରି ଶେଷରେ ମୃତା ମହିଳାଙ୍କ ପରିଚୟ ଖୋଜି ବାହାର କରିଥିଲା କୋଇଡା ପୋଲିସ।

ସନ୍ଦେହରେ ପଚରାଉଚରା କରୁ କରୁ ପୋଲିସ ମହିଳାଙ୍କ ନିଜ ପୁତୁରା ସୁବାସଙ୍କୁ ନଜର ରଖିଥିଲା । ପରେ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତରୁ ଜଣାପଡିଛି ଯେ, ନିଜ ଖୁଡୀଙ୍କ ଦୁଇ ଏକର ଜମି ହାତେଇବା ଲୋଭରେ ପୁତୁରା ସୁବାସ ଓ ତାଙ୍କ ସାଥୀ ସେହି ଗ୍ରାମର ବଳରାମ ମୁଣ୍ଡା(୨୧) ମାଙ୍ଗିରିଙ୍କ ପଛେ ପଛେ ଯାଇଥିଲେ। ଫେରିବା ବାଟରେ ଏକୁଟିଆ ପାଇ ପଥର ସାହାଯ୍ୟରେ ହତ୍ୟା କରି ଫେରାର ମାରିଥିଲେ। ଏହି ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ବାଇକ୍ (ଓଡି୦୯ଏ୨୧୪ )ଜବତ କରିଛି। ଧାରା ୩୦୨ରେ ହତ୍ୟା ମାମଲା ନଂ ୧୧୪/୨୦୨୨ ରୁଜୁ କରି ଅଭିଯୁକ୍ତଙ୍କୁ ବଣାଇ କୋର୍ଟ ଚାଲାଣ କରାଯାଇଛି।

# ସୁନ୍ଦରଗଡ଼ର ୨୬ ପ୍ରତିଯୋଗୀ ଭାଗ ନେବେ



ବୈଠକରେ ଉପସ୍ଥିତ କରାଟେ ଛାତ୍ରୀଛାତ୍ର, ପ୍ରଶିକ୍ଷକ ଓ ଅଭିଭାବକ।

ସୁନ୍ଦରଗଡ,୨୦।୧୨(ଡି.ଏନ.ଏ.)

### ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍

ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୨ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ସେନସାଇ ଡ.ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଉତ୍କଳ କରାଟେ ସ୍କୁଲର ୨୬ ଜଣ ଛାତ୍ରୀଛାତ୍ର ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରୀତେଶ ସିଂହ, ସଭାପତି ଦେବାଶିଷ କବି,ଉପସଭାପତି ବିଜୟ ବରୁଆ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ବୈଠକକୁ ସୁନ୍ଦରଗଡ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସେନସାଇ ଗଣେଶ ଚନ୍ଦ୍ର ବେହେରା,ସେନସାଇ ରାକେଶ ସିଂ ଧୀରଦେଓ ଓ ସେନସାଇ ସାକିଆ ପରୱିନ ପରିଚାଳନା କରିଥିଲେ।

# ଭୁକ୍ତା ଓ ଭୂୟାଁର ସମାଜ ପକ୍ଷରୁ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କୁ ଦାବିପତ୍ର

ବଡ଼ଗାଁ,୨୦।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଫିସକୁ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଧାନସଭାର ଜଳ ପ୍ରଦୂଷଣ ବିଭାଗ ଓ ସରକାରୀ ହିସାବ କମିଟି ଅଧ୍ୟକ୍ଷ କେଉଁଝର ସଦର ବିଧାୟକ ମୋହନ ମାଝୀ ଙ୍କ ସହିତ ରେଙ୍ଗାଲି ବିଧାୟକ ନାଉରୀ ନାଏକ,ରାଜଗାଙ୍ଗପୁର ବିଧାୟକ ରାଜନ ଏକା,ବାରିପଦା ବିଧାୟକ ପ୍ରକାଶ ସୋରେନ,ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଆସିଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶାରେ ରହିଥିବା ଭୁକ୍ତା ଓ ଭୂୟାଁର ଜାତି ସମାଜର ପ୍ରତିନିଧି ଦଳ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମରେ ପହଞ୍ଚିବା ପରେ ଭାଜପା କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଭୁକ୍ତା ଜାତି ସମାଜର କର୍ମକର୍ତ୍ତାମାନେ ଦେଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ବଗତା, ଭକ୍ତା, ଭୁକ୍ତା ଓ ଭୋଗତା ଗୋଟିଏ ଜାତିର ହୋଇଥିଲେ ମଧ୍ୟ ଏ ଯାଏଁ ସରକାର ଏସଟି ଅନ୍ତର୍ଭୁକ୍ତ ଭୁକ୍ତା ଜାତିକୁ କରିନାହାନ୍ତି । ଏହି କାରଣରୁ ସରକାରୀ ସୁବିଧା, ସହଯୋଗରୁ ବଞ୍ଚିତ ହେଉଛନ୍ତି। ୪୦ ବର୍ଷ ହେଲା ଦାବିକୁ ଶୁଣାଯାଉନାହିଁ। ସାଧାରଣ ବର୍ଗରେ ଥିବା ଏହି ଜାତି ସମାଜର କର୍ମକର୍ତ୍ତା ସୁରେଶ ତରୱାର, ଫିରନାଥ ବେଶରା, ମମତା କୁଁଅରଦାର, ରିତା ସରୋନିଆ, ଜନନୀ ବନିଆ, ସରନୀ ହସ୍ତୀ ବିଧାୟକମାନଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇଥିଲେ। ସେହିପରି ୨୦୧୩ରୁ ଭୂଇଁର ଜାତି ସମାଜ ର ଲୋକେ ଓଡ଼ିଶାରେ ଦୀର୍ଘ ବର୍ଷରୁ ରହି ଆସୁଥିବା ଓ ଚାଲି ଚାଲାଣ ବେଶ ଭାଷା ଆଦିବାସୀଙ୍କ ପରି ହୋଇଥିଲେ ମଧ୍ୟ ଆଦିବାସୀ ମାନ୍ୟତା ମିଳିନାହିଁ। ପଡୋଶୀ ରାଜ୍ୟ ଛତିଶଗଡ ରାଜ୍ୟରେ ଏହି ଜାତି ଆଦିବାସୀ ହୋଇଥିଲେ ମଧ୍ୟ ଓଡ଼ିଶାରେ ହୋଇପାରୁନାହାନ୍ତି ବୋଲି ଦାବି ଉଠାଇ ସମାଜ କର୍ମକର୍ତ୍ତା ଦୟାନିଧି କାଲୋ, ରୁକ୍ମଣ ମୁର୍ମୁ, ଦଇତାରୀ ବଣ୍ଡା, ସୁରେଶ ମୁର୍ମୁ, ମହେନ୍ଦ୍ର ପୁରାଲେ ପ୍ରମୁଖ ବିଧାୟକଙ୍କୁ ଦାବିପତ୍ର ଦେଇଥିଲେ। ଆୟୋଜିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକରଣୀ ସଦସ୍ୟ ରଞ୍ଜନ ପଟେଲ ଏହି ଜାତି ସମାଜ କେଉଁ କାରଣରୁ ଏ ଯାଏ ଆଦିବାସୀ ମାନ୍ୟତା ପାଇନାହିଁ ସେ ନେଇ ବିଧାୟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେଉଁଝର ସଦର ବିଧାୟକ ମୋହନ ମାଝୀ ସଂଘର୍ଷ ଜାରି ରଖିବା ବୋଲି କହିଥିଲେ। ଏନେଇ ରାଜଗାଙ୍ଗପୁର ବିଧାୟକ ଏକା ଏହା ଉପରେ କ'ଣ କରାଯିବା ଆବଶ୍ୟକ ବୁଝାଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ଶିଶିର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

# ପରିବେଶ ଓ ପ୍ରଦୂଷଣ ରାଜ୍ୟ ଷ୍ଟାଣ୍ଡିଂ କମିଟିର କୁଆଁରମୁଣ୍ଡା ଶିଳ୍ପାଞ୍ଚଳ ଗସ୍ତ



କୁଆଁରମୁଣ୍ଡା ଶିଳ୍ପାଞ୍ଚଳରେ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ।

କୁଆଁରମୁଣ୍ଡା,୨୦।୧୨(ଡି.ଏନ.ଏ.)

କୁଆଁରମୁଣ୍ଡା ଅଞ୍ଚଳରେ ଗଢି ଉଠିଥିବା ବିଭିନ୍ନ ଲୌହ ଇସ୍ପାତ(ସ୍ପ ଆଇରନ) କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଓ ବର୍ଜ୍ୟବସ୍ତୁ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ଏ ଦିଗରେ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ବିଭାଗ ଆଖି ବୁଜି ଦେଉଥିବାରୁ ଅଞ୍ଚଳର ପରିବେଶ ଦିନକୁ ଦିନ ପ୍ରଦୂଷିତ ହେଉଛି । ଲୋକେ ଚକ୍ଷୁ ରୋଗଠାରୁ ଆରମ୍ଭ କରି ନା ନା ମାରତ୍ମକ ରୋଗରେ ପଡି ମୃତ୍ୟୁମୁଖରେ ପଡୁଛନ୍ତି । ବନ୍ୟପ୍ରାଣୀ,ଗୃହପାଳିତ ପଶୁ, ପକ୍ଷୀ ମଧ୍ୟ ଏଥିରୁ ବାଦ ପଡୁନାହାନ୍ତି । ଏହି ଅଭିଯୋଗ ପାଇ ମଙ୍ଗଳବାର ପରିବେଶ ଓ ପ୍ରଦୂଷଣ ରାଜ୍ୟ ଷ୍ଟାଣ୍ଡି କମିଟିର ଅଧ୍ୟକ୍ଷ ମୋହନ ଚରଣ ମାଝୀ, ସମ୍ପାଦକ ତଥା ରାଜଗାଙ୍ଗପୁର ବିଧାୟକ ଡା.ରାଜେନ୍ ଏକ୍କା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଓ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ କୁଆଁରମୁଣ୍ଡା ଶିଳ୍ପାଞ୍ଚଳ ଗସ୍ତ କରିଛନ୍ତି । ଗସ୍ତ ସମୟରେ ଶିଳ୍ପାଞ୍ଚଳରେ ଥିବା କେତେକ କାରଖାନା ବିଶେଷ କରି ଟିପିଏସଏଲ,ଶାକମ୍ବରୀ କାରଖାନାରେ ବ୍ୟାପକ ଅନିୟମିତତା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ସମୟରେ ଉପସ୍ଥିତ ଥିବା ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ଅଧିକାରୀଙ୍କୁ ତାଗିଦ ମଧ୍ୟ ଥିଲେ । ଏପରି ଅନିୟମିତାକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ବୋଲି ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ମାଝି କହିବା ସହ ଏହାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ କାରଖାନାର ଅଧିକାରୀଙ୍କୁ ସୂଚାଇ ଦେଇଥିବା ସୂଚନା ମିଳିଛି । ଏହି କମିଟିରେ ଶଙ୍କର ପୂଝାରୀ,ସଞ୍ଜୀବ ପ୍ରତାପ ସିଂଦେଓ, ଦିଲୀପ ପଟେଲ,ବୁଲୁ ଚାନ୍ଦ,ଖଗେଶ୍ୱର କିଶାନ,ସୁରେଶ ନାୟକ,ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ଷ୍ଟାଣ୍ଡି କମିଟି ସଦସ୍ୟଙ୍କୁ ସ୍ୱସ୍ତିକ, ଟିପିଏସଏଲ ଓ ଶାକମ୍ବରୀ କାରଖାନା ଚର୍ତୁଃପାର୍ଶ୍ୱରେ ଗଦା ହୋଇଥିବା କଠିନ ବର୍ଜ୍ୟବସ୍ତୁକୁ ଦେଖାଇଥିଲେ ।

## ଫୁଟବଲ: ଗଙ୍ଗାଜଳକୁ ହରାଇ ରଜାବସା ପଞ୍ଚାୟତ ଚାମ୍ପିୟନ

କୁତ୍ରା,୨୦।୧୨(ଡି.ଏନ.ଏ.)

ରାଉରକେଲାରେ ଆସନ୍ତା ଜାନୁୟାରୀ ମାସ ୧୩ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶକପ ପାଇଁ ଗାଁ ଠାରୁ ସହର ସବୁଠି ଚଳଚଞ୍ଚଳ ହୋଇ ଉଠିଛି। ସରକାରଙ୍କ ପକ୍ଷରୁ ଏଥିପାଇଁ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ହେଉଛି। ଏହି କ୍ରମରେ କୁତ୍ରା ପକ୍ଷରୁ ଲିଗିବେଡା ଖେଳ ପଡିଆରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ସେଠୀଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ ୨ ଦିନିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦଘାଟନୀ ସମାରୋହରେ ବିଶେଷ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ଲାଜରୁସ ବାର୍ଲା, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ,ପୂର୍ବତନ ବିଧାୟକ ଗ୍ରେଗୋରୀ ମିଞ୍ଜ,ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ତହସିଲଦାର ମାନସୀ ନାଏକ,ଥାନା ଅଧିକାରୀ ମନୋରଞ୍ଜନ ବିଶି ପ୍ରମୁଖ ଯୋଗ ଦେଇଥିଲେ। ପରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଖେଳ ପଡିଆରେ ପହଞ୍ଚି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ କୁତ୍ରା ବ୍ଲକର ୧୪ଟି ପଞ୍ଚାୟତରୁ ବିଜୟୀ ହୋଇଥିବା ୧୪ ଟି ଦଳ ଅଂଶଗ୍ରହଣ କରିଥିଲେ । ଏହାର ପ୍ରଥମ ସେମିଫାଇନାଲ ମ୍ୟାଚରେ ରଜାବସା ଦଳ ପୁରକାପାଲି ଏବଂ ଦ୍ୱିତୀୟ ସେମିଫାଇନାଲରେ ଗଙ୍ଗାଜଳ ଦଳ ବିରିଙ୍ଗାଟୋଲି ଦଳକୁ ପରାସ୍ତ କରି ଫାଇନାଲ ମ୍ୟାଚ ଖେଳିଥିଲେ। ଫାଇନାଲ ମ୍ୟାଚରେ ଖେଳ ବରାବର ରହିବା ପରେ ପେନାଲିଟିରେ ରଜାବସା ଦଳ ଗଗାଂଜଳକୁ ହରାଇ ଚାମ୍ପିୟନ ହୋଇଥିଲେ ।ଉଦ୍ୟାପନୀ ସମାରୋହରେ ଅତିଥି ଭାବେ ଯୋଗ ଦେଇଥିଲେ ବିଡିଓ ରବୀନ୍ଦ୍ର କୁମାର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ଟପ୍ପୋ, ଥାନା ଅଧିକାରୀ ମନୋରଞ୍ଜନ ବିଶି,ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା,ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ। ଚାମ୍ପିୟନ ରଜାବସା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ଏବଂ ଉପ ବିଜେତା ଗଂଗାଜଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ଦର୍ଲିପାଲି ଫାଣ୍ଡି ନୂତନ ଗୃହ ଉଦ୍‌ଘାଟିତ




ଦର୍ଲିପାଲି ଫାଣ୍ଡିର ନବନିର୍ମିତ କୋଠା ଉଦ୍‌ଘାଟନ ଅବସରରେ ଡିଆଇଜି ଓ ଅନ୍ୟମାନେ।

ସୁନ୍ଦରଗଡ,୨୦।୧୨(ଡି.ଏନ.ଏ.)

### ପଶ୍ଚିମାଞ୍ଚଳ ଡିଆଇଜିଙ୍କ ସୁନ୍ଦରଗଡ ଗସ୍ତ

ରାଉରକେଲା ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମଙ୍ଗଳବାର ସୁନ୍ଦରଗଡ ଗସ୍ତରେ ଆସିଥିଲେ। ପୂର୍ବାହ୍ନରେ ଡିଆଇଜି ଶେଖର ସୁନ୍ଦରଗଡ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ଲାଇନଠାରେ ଆର୍ମଡ ପୋଲିସ ରିଜର୍ଭ ଅଫିସ କୋଠାଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଟାଉନ ଥାନା ଅନ୍ତର୍ଗତ ପତ୍ରାପାଲିଠାରେ ନୂତନ ଫାଇରିଂ ରେଞ୍ଜ ଉଦ୍‌ଘାଟନ କରିଥିଲେ। ଏଥିସହ ଭଷ୍ମା ଥାନା ଅନ୍ତର୍ଗତ ଦର୍ଲିପାଲି ଫାଣ୍ଡିର ନବନିର୍ମିତ କୋଠା ଉଦ୍‌ଘାଟନ କରିଥିଲେ। ଏହିସବୁ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥଙ୍କ ସମେତ ସଦର ଏସଡିପିଓ, ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କୁଆଁରମୁଣ୍ଡା,୨୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରୁ ବହୁ ପ୍ରତିଭାବାନ୍ କ୍ରୀଡାବିତ୍ କେବଳ ରାଜ୍ୟ ନୁହେଁ , ଅର୍ନ୍ତଜାତିକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ତେଣୁ ସରକାରୀ ସ୍କୁଲରେ ପିଲାମାନଙ୍କୁ ଶିକ୍ଷା ସହ କ୍ରୀଡାକୁ ପ୍ରାଧାନ୍ୟ ଦେବାକୁ ମଙ୍ଗଳବାର ସାଇଭେଲଇ ସ୍କୁଲରେ ଆୟୋଜିତ ୨ ଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ। ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ପଟ୍ଟନାୟକ,କୁଆଁରମୁଣ୍ଡା ଏବିଇଓ ଡୋରୋଥିଆ ଟପ୍ପୋ ମଞ୍ଚାସୀନ ଥିଲେ । କ୍ରୀଡାଶିକ୍ଷକ କିଶୋର ସାହୁ, ଯାଗେଶ୍ୱର ରାଏ, ପଞ୍ଚାନନ ଦାଶ,ଏମଡି ମଜିମ, ସଙ୍ଗୀତା ନାଏକ, କରିସ୍ମା ଟିର୍କୀ, ଉମ୍ବରୁଧର ନାଏକ, ବିଜଲା କେର୍କେଟା,ଅନିଲ ସାହୁ, ରୋହିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ସଞ୍ଚାଳନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ଜାମୁଡିହିକୁ ହରାଇ କୋଇଡା ଜିପି ଚାମ୍ପିୟନ

ଟେନସା, ୨୦।୧୨(ଡି.ଏନ.ଏ.)




ପୁରସ୍କାର ବିତରଣ ସଭାରେ ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ଅନ୍ୟମାନେ ।

### ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ହକି ବିଶ୍ୱକପକୁ ସ୍ମରଣୀୟ ଏବଂ ଆକର୍ଷଣୀୟ କରିବା ଲାଗି ସୁନ୍ଦରଗଡରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ବିଶେଷ କରି ଯୁବପୀଢିଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ପଞ୍ଚାୟତ ଓ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୋଇଡା ବ୍ଲକଠାରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ପଲ୍ଲବୀ ରାଣୀ ରାଜଙ୍କ ଅଧ୍ୟକ୍ଷତାରେ ସମସ୍ତ ପଞ୍ଚାୟତରେ ଫୁଟବଲ ଓ ହକି ପ୍ରତିଯୋଗିତା ହୋଇଥିଲା । ଶେଷରେ ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗତ ୧୬ ତାରିଖରେ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ଉଦ୍ୟାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ ଯୋଗ ଦେଇଥିଲେ। ପୂର୍ବତନ ଉପାଧ୍ୟକ୍ଷ ଦିବାକର ନାଏକ, ଓଡିଶା ଖଣି ନିଗମ ବ୍ୟକ୍ତିଗତ ପ୍ରବନ୍ଧକ ମନୋଜ ଟପ୍ପୋ , ପ୍ରବନ୍ଧକ ଆଶା ମଞ୍ଜୁଳା ଟପ୍ପୋ , କୋଇଡା ଡିଗ୍ରୀ କଲେଜ ଇତିହାସ ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଫାଇନାଲିଷ୍ଟ ଉଭୟ ଦଳକୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ଜାମୁଡିହି ଓ କୋଇଡା ଜିପି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କୋଇଡା ଜିପି ଗତଥର ଭଳି ପୁଣି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଅତିଥିଗଣ ଚାମ୍ପିୟନ ଦଳ କୋଇଡା ଜିପିକୁ ୨୦ ହଜାର ନଗଦ ଟଙ୍କା ଓ ଉପ ବିଜେତା ଦଳ ଜାମୁଡିହି ଜିପିକୁ ୧୦ ହଜାର ନଗଦ ଟଙ୍କା ସହ ଟ୍ରଫି, ମେଡାଲ, ସାର୍ଟିଫିକେଟ ପ୍ରଦାନ କରିଥିଲେ। ସେହିପରି ମହିଳାଙ୍କ ଫୁଟବଲ ଟୁର୍ନାମେଣ୍ଟରେ ସିଙ୍ଗୁଆ ସିଷ୍ଟର୍ସ ଚାମ୍ପିୟନ ଓ ଏସଆର୍‌ଏମଇ ସ୍କୁଲ ଏ ରନର୍ସ ଅପ୍ ହୋଇ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟକୁ ବ୍ଲକ ସହ ନିର୍ବାହୀ ଯନ୍ତ୍ରୀ ଅଭିଷେକ ପାଣିଗ୍ରାହୀ ପରିଚାଳନା କରିଥିଲେ। ଲଳିତ ବିଶ୍ୱାଳ ଓ ଅନ୍ୟ ଅଧିକାରୀଗଣ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଜନ ଡୁଙ୍ଗଡୁଙ୍ଗ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମାରପିଟ ଅଭିଯୋଗରେ ୪ ଗିରଫ

**ଗୁଡ଼ଭେଲା,୨୦।୧୨(ଡି.ଏନ.ଏ.):** ମାରପିଟ ଅଭିଯୋଗରେ ବଲାଙ୍ଗୀର ଜିଲା ପୁଇଁତଳା ଥାନା ଆଟଗାଁ ଗ୍ରାମର ୪ଜଣଙ୍କୁ ତୁଷୁରା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନ ପାଶାୟତ (୨୨), ଡାକ୍ତର କୁଅଁର (୨୪), ମାନସ ପୁଟେଲ (୨୪) ଓ ଶ୍ରୀତମ ପୁଟେଲ (୧୯)। ଡିସେମ୍ବର ୧୭ତାରିଖରେ କେତେଜଣ ଯୁବକ ଭିମଡୁଙ୍ଗରୀ ବୁଲିବାକୁ ଯାଇଥିଲେ। ସେଠାରେ ନୌକା ବିହାର କରିବା ପାଇଁ ନୌକା ଚାଳକ ରୁଗୁଡିପାଲି ଗ୍ରାମର ପବିତ୍ର ମାଝିଙ୍କୁ କହିଥିଲେ। ମଦ ସାଙ୍ଗରେ ନ ନେବାକୁ ଚଳକ ଉକ୍ତ ଯୁବକମାନଙ୍କୁ କହିଥିଲେ। ଏଥିରେ ରାଗିଯାଇ ସେମାନେ ପବିତ୍ରଙ୍କୁ ମାରପିଟ କରିଥିବା ନେଇ ତୁଷୁରା ଥାନାରେ ଏକ ମାମଲା ରୁଜୁ ହୋଇଥିବା ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ କହିଛନ୍ତି।

### ଗାଁ ସାଥୀ ସଂଘ ନୂତନ କର୍ମକର୍ତ୍ତା

**ଲୋଇସିଂହା,୨୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ରାଜୀବ ସେବାକେନ୍ଦ୍ରରେ ବ୍ଲକ ଗାଁ ସାଥୀ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଜିଲା ପ୍ରଶାସନକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ଏଥିରେ ସଭାପତିଭାବେ ନବଘନସିଂ, ଉପସଭାପତି ତନୁଜ ସାହୁ, ପ୍ରମୋଦ ସାହୁ ସମ୍ପାଦକ, ସହସମ୍ପାଦକ ସୂର୍ଯ୍ୟକୁମାର ସାହୁ ମନୋନୀତ ହୋଇଛନ୍ତି। ହିମାଞ୍ଚଳ ମେହେର, ସେବତୀ ପୁଟା, ନେପୁର ଶିକା, ସବିତା ଜାଲ, ବିଜିନ୍ଦ୍ର ବନଛୋର, ନାରାୟଣ ଠାକୁର ଉପଦେଷ୍ଟା କମିଟିରେ ରହିଛନ୍ତି।

### ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର

**ଗୋଲାମୁଣ୍ଡା,୨୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଲିଆପାଲି, ଚପ୍ରିଆ ଓ ଧାମନପୁର ଗ୍ରାମପଞ୍ଚାୟତ ସମେତ ବ୍ଲକର ଅନ୍ୟ ପଞ୍ଚାୟତର ଜନସାଧାରଣ ନିଜର ଅଭିଯୋଗ କରିଥିଲେ। ୩୪୦ଜଣ ପଞ୍ଜୀକରଣ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଲୋକଙ୍କ ଅଭିଯୋଗ ଶୁଣି ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ୮୦ଜଣ ଲୋକଙ୍କ ଅଭିଯୋଗ ସମାଧାନ କରିଥିଲେ। ତହସିଲଦାର ଅଶୋକ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମକରଣ ନାଏକ, ଗ୍ରାମୀଣ ଆବାସ ବିଭାଗରୁ ଦିନେଶ ପାନକା, ସାମାଜିକ ସୁରକ୍ଷା ଚନ୍ଦନ ବିହାରୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ, ଡ.ବିଜୟ ପଣ୍ଡା, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ନିହାରିକା ସାହୁ, ପ୍ରାଣୀ ଚିକିତ୍ସକ ଭୁବନ ସାହୁ, ଓଡିଶା ଜୀବନ ଜୀବିକା ନିଶନର ବିପିଏମ ସୁଧାଂଶୁ ବିଶ୍ୱାଳ, ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ ଓ ସମିତି ସଭ୍ୟ ରୋହିତ ଜଗତ, ଧାମନପୁର ସରପଞ୍ଚ ଦିଗାମ୍ବର ତାଣ୍ଡି, ଏଏଓ ଲିଙ୍ଗରାଜ ମେହେର, କନିଷ୍ଠଯନ୍ତ୍ରୀ ନିକୁଞ୍ଜ ନାଏକ, ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ସଚେତନତା ସମାବେଶ

**କୋକସରା,୨୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେଶନ ଓ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଲଦୁଗାଁ ହାୟର ସେକେଣ୍ଡରି ସ୍କୁଲରେ ଦିବ୍ୟାଙ୍ଗ ସଚେତନତା ସମାବେଶ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ଼. ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ଶାରଳା ପ୍ରସାଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ଅଗ୍ରୱାଲ, ରାଧେଶ୍ୟାମ ଶର୍ମା, କମଳ ଅଗ୍ରୱାଲ, ଶିକ୍ଷାବିତ୍ ବସନ୍ତ କୁମାର ନାଏକ, ସଞ୍ଜୀବ କୁମାର ଠାକୁର ପ୍ରମୁଖ ଯୋଗଦେଇଥିଲେ। ଲଦୁଗାଁ ପଞ୍ଚାୟତର ବିଭିନ୍ନ ଗାଁର ଦିବ୍ୟାଙ୍ଗମାନେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ସମ୍ପାଦକ ଅଭିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଙ୍କୁ ସଙ୍ଗଠନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧାପକ ହେମନ୍ତ ସେନାପତି, କଲ୍ୟାଣି ମହାନ୍ତି, ପ୍ରେମାନନ୍ଦ ସାହା, ବିରେନ୍ଦ୍ର ନାରାୟଣ ଦାସ, ଭାରତ ଠାକୁର, ପ୍ରଶାନ୍ତ କୁମାର ଯୋଷୀ ସହଯୋଗ କରିଥିଲେ। ଯୁଥ ରେଡ଼କ୍ରସ ପରାମର୍ଶ ଦାତା ଅଧାପକ ସଞ୍ଜୟ ପୁରୋହିତ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ଜିଲା ଯୁବ କନ୍ଧ ସମାଜର ସିଭିଲ କୋର୍ଟ ଘେରାଉ ଘଟଣା**

- ଖବରଦାତା ସମ୍ମିଳନୀରେ ଉତ୍କଳ କନ୍ଧ ସମାଜର ଦାବି
- ବିଶୃଙ୍ଖଳିତ ଆଚରଣ ପାଇଁ ପୂର୍ବରୁ ଜାତିରୁ ୬ଜଣଙ୍କୁ ବାସନ୍ଦ କରାଯାଇଥିବା କହିଲେ


ଖବରଦାତା ସମ୍ମିଳନୀରେ ଉତ୍କଳ କନ୍ଧ ସମାଜର ସଭାପତି ଓ କର୍ମକର୍ତ୍ତା।

**ସଇଁତଳା, ୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳାରେ ସିଭିଲ କୋର୍ଟରେ ସୋମବାର ଜିଲା ଯୁବ କନ୍ଧ ସମାଜ କର୍ମକର୍ତ୍ତାଙ୍କ ଘେରାଉ ଏବଂ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ଉତ୍କଳ କନ୍ଧ ସମାଜ ନିନ୍ଦା କରିଛି। ମଙ୍ଗଳବାର ସ୍ଥାନୀୟ ବିବେକାନନ୍ଦ ପାଠାଗାରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମାଜର କର୍ମକର୍ତ୍ତାମାନେ କୋର୍ଟ ସମ୍ମୁଖରେ ବିଶୃଙ୍ଖଳିତ ଆଚରଣ ପାଇଁ ଜିଲା ଯୁବ କନ୍ଧ ସମାଜର ଖୁସିରାମ ଜାନୀ, ଧନେଶ୍ୱର ମାଝି, ସୁରେଶ ଭୋଇଙ୍କ ସମେତ ବଙ୍ଗୋମୁଣ୍ଡା ବ୍ଲକର ୬ଜଣଙ୍କୁ ପୂର୍ବରୁ ଜାତିରୁ ବାସନ୍ଦ କରାଯାଇଥିବା ଉତ୍କଳ କନ୍ଧ ସମାଜ କେନ୍ଦ୍ର କମିଟି ସଭାପତି ଚିନ୍ତାମଣୀ ଭୋଇ ଖବରଦାତା ସମ୍ମିଳନୀରେ କହିଛନ୍ତି। ବାସନ୍ଦ କରାଯାଇଥିବା ବ୍ୟକ୍ତିବିଶେଷ ବିନା ପଞ୍ଜୀକରଣରେ ଜିଲା ଯୁବ କନ୍ଧ ସମାଜ ନାମକ ସଂଗଠନ ଗଢ଼ି ଏହିଭଳି ଅସାମାଜିକ କାର୍ଯ୍ୟକଳାପ ଚଳାଇଥିବା ସେ କହିଛନ୍ତି। ଏ ନେଇ ଗତ ୧୯ ଅକ୍ଟୋବରରେ ଟିଟିଲାଗଡ ଉପ ଜିଲାପାଳଙ୍କ ଜରିଆରେ ବଲାଙ୍ଗୀର ଏସ୍‌ପିଙ୍କୁ ଅବଗତ କରାଯାଇଥିବା ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ର କମିଟି ସମ୍ପାଦକ ତଥା ଆଇନଜୀବୀ ପ୍ରଦୀପ ମାଝି କୋର୍ଟ ପରିସରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଆତଙ୍କ ଖେଳାଇବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ସମାଜର ବିରଞ୍ଚି ଭୋଇ, ସାଧୁରାମ ମାଝି, କୁମଦିନି ଭୋଇ, ବିନୋଦିନି ଭୋଇ, ଦୁଃଖମଣୀ ଭୋଇ, ଲେକୁ ସିଂ ମାଝି, ତୀର୍କଚନ୍ଦ୍ର ଭୋଇ, ରୋହିତ ଜାନୀ, ଡ଼ମ୍ବରୁ ଭୋଇ, ଗୌତମ ମାଝି, ରମାକାନ୍ତ ମାଝି, ସାବିତ୍ରୀ ଭୋଇ, ପଦ୍ମିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସଇଁତଳା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ଅଞ୍ଚଳରେ ଆଦିତ୍ୟ ବିର୍ଲା କମ୍ପାନୀ ତରଫରୁ ନିର୍ମାଣାଧୀନ ସୌର ପ୍ରକଳ୍ପକୁ ବିରୋଧ କରି ଗତ କିଛିଦିନ ହେବ ଜିଲା ଯୁବ କନ୍ଧ ସମାଜ ନାମକ ସଂଗଠନ ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଆସୁଥିଲେ। ରବିବାର ସଂଗଠନର ଖୁସିରାମ ଜାନୀ ପୋଲିସ ଅଧିକାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ଗିରଫ ହୋଇଥିଲେ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରିବା ବେଳେ ଏହାକୁ ବିରୋଧ କରି ସଂଗଠନର ଧନେଶ୍ୱର ମାଝି ଓ ଲାଲୁ ମାଝିଙ୍କ ସମେତ ଶତାଧିକ ସଦସ୍ୟ ଟାଙ୍ଗିଆ, ଖଣ୍ଡା, ବାଡ଼ି ଓ ଲାଠି ଧରି କୋର୍ଟକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ପୋଲିସ ୧୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ତୋଷାଳୀ ମହୋତ୍ସବ ପୋଷ୍ଟର ଉନ୍ମୋଚିତ

**ଗୁଡଭେଲା, ୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରାରେ ଦ୍ୱିତୀୟ ବର୍ଷ ତୋଷାଳୀ ମହୋତ୍ସବ ତିନିଦିନ ଧରି ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମଙ୍ଗଳବାର ଏକା ସାଙ୍ଗରେ ତୁଷୁରା, ଭୁବନେଶ୍ୱର, ବଲାଙ୍ଗୀର, ଟିଟିଲାଗଡ, ସମ୍ବଲପୁର, ପାଟଣାଗଡ, ସଇଁତଳା ଓ ଗୁଡ଼ଭେଲା ଆଦି ୮ଟି ସ୍ଥାନରେ ଏକା ସାଙ୍ଗରେ ମହୋତ୍ସବର ପୋଷ୍ଟର ଉନ୍ମୋଚନ କରାଯାଇଛି। ପ୍ରଥମେ ତୁଷୁରାର ଅଧିଷ୍ଠିତ ଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସମଲେଶ୍ୱରୀ ମନ୍ଦିର ପରିସରରେ ଭୁବନେଶ୍ୱର ଅତିରିକ୍ତ ଆୟକର ଆୟୁକ୍ତ ଆଶୁତୋଷ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷ୍ଟର ଉନ୍ମୋଚନ କରିଥିଲେ। ମହୋତ୍ସବ ଉପଦେଷ୍ଟା କମିଟି ସଭାପତି ସୁରେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ ବିଚିତ୍ରାନନ୍ଦ ପଟ୍ଟନାୟକ ଓ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଉପସଭାପତି ଦେବବ୍ରତ ପାଣିଗ୍ରାହୀ, ରାଧାରମଣ ସରାଫ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଅରବିନ୍ଦ କେଡିଆ ଓ କୋଷାଧକ୍ଷ ରୋହିତ କେଡିଆ ଏଥିରେ ସହଯୋଗ କରିଥିଲେ। ୟୁଥ ଏକ୍ସନ କମିଟି ସଭାପତି ଲିସନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିବୃନ୍ଦ ସମଲେଶ୍ୱରୀ ପରିସରରେ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ବ୍ଲକସ୍ତରୀୟ ଆଥ୍‌ଲେଟିକ ମିଟ୍

**ଲୋଇସିଂହା,୨୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ସହାୟତାରେ ଚାଲିଥିବା ବ୍ଲକସ୍ତରୀୟ ଆଥଲେଟିକ ମିଟ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯୋଗୀସର୍ଡା ହାଇସ୍କୁଲ ଖେଳ ପଡିଆରେ ଦୁଇଦିନ ଧରି ଏହି ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ କ୍ରିକେଟ ପ୍ରତିଯୋଗୀତାରେ ବ୍ଲକର ବିଭିନ୍ନ ସ୍କୁଲରୁ ୪୦ଜଣ ଛାତ୍ର ଭାଗ ନେଇଥିଲେ। ସେଥିରୁ ୧୫ ଶ୍ରେଷ୍ଠ ଖେଳାଳିଙ୍କୁ ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ବଛାଯାଇଛି । ସୋମବାର ପ୍ରଥମ ଦିବସରେ ଜୁନିୟର ଓ ସିନିୟର ବର୍ଗରେ ଜାଭେଲିନ, ଶଟପୁଟ, ଡିସକସ୍, ଲଙ୍ଗଜମ୍ପ, ହାଇଜମ୍ପ ଓ ଦୌଡକୁଦ ପ୍ରତିଯୋଗିତା କରାଯାଇଥିଲା। ୩ ହଜାର ମିଟର ଦୌଡରେ ଯୋଗୀସର୍ଡା ନୋଡାଲ ହାଇସ୍କୁଲର ବୁଲୁ ଘିବେଲା, ୧୫ ଶହ ମିଟରେ ଶ୍ରବଣ ବରଗ୍ଡି, ହାଇଜମ୍ପ ଓ ଲଙ୍ଗଜମ୍ପରେ ଶିଭମ ଶେଖର ଭୋଇ, ୨ ଶହ ମିଟରରେ ସରଗାଡ ସ୍କୁଲର ଦେବେନ ଭୋଇ, ଶଟପୁଟରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ପ୍ରିୟା ସାହୁ ବିଜୟୀ ହୋଇଥିଲେ। ସେହିପରି ଭାରତୀ ଧରୁଆ, ସୁଷମା ପୁଟେଲ, ଲିଜା ପରୁଆ, ସ୍ମୀତା ଭୋଇ, ନିକିତା ଗଡତ୍ୟା, ସମେସ କୁମାର ପଧାନ, ଜଗନ ଭୋଇ, ଉମାକନ୍ତ ଭୋଇ, ଶିଶିର ଭୋଇ, ଅନୀଲ ସେଠ, ଶଶି ଜାଲ ଓ ମହେଶ ଗଡତ୍ୟା ବିଭିନ୍ନ ପ୍ରତିଯୋଗୀତାରେ ପୁରସ୍କୃତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ, କରୁଣା କର୍ଡ଼ି, ଶ୍ୟାମସୁନ୍ଦର ମେହେର, ପୁରନ୍ଦର ସେଠ ଆଥଲେଟ ମିଟ୍‌କୁ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଇଲେଟିକ ମିଟ୍‌କୁ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।



ଜିଲା ପରିଷଦ ସଭ୍ୟା ଅଥଲେଟିକ ମିଟ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ବିଜ୍ଞାନ ମେଳାରେ ୭୨ ପ୍ରକଳ୍ପ

**ଦେଓଗାଁ,୨୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପବ୍ଲିକ ସ୍କୁଲରେ ମଙ୍ଗଳବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷାବିତ୍ କ୍ଷମାନିଧି ମେହେରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ସ୍ୱର୍ଗତ ଅତୁଲ୍ୟ ମେହେରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ସମ୍ମାନୀତ ଅତିଥି ବ୍ରାହ୍ମଣୀପୋର ଉନ୍ନିତ ହାଇସ୍କୁଲ ପ୍ରଧାନଶିକ୍ଷକ ରତନ ମେହେର, ଡାହିମାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଅଗ୍ନୀ କୁମାର ନାଏକ ଯୋଗଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଶଶାଙ୍କଶେଖର ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଦେବପ୍ରସାଦ ମେହେର, ସମ୍ମାନିତ ଅତିଥି ଏବିଇଓ ଅଜିତ କୁମାର ମିଶ୍ର, ଲୋଚନ ଛତ୍ରିଆ, ଜିଲା ପରିଷଦ ସଭ୍ୟ ସୁମତି ସେଠ, ସରପଞ୍ଚ କୁଶମଣି ମେହେର, ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ବିଭାଗରେ ପ୍ରିୟଙ୍କା ସିଂ ଦେଓ, ସବ୍‌ଜୁନିୟର ବିଭାଗରେ ସୋନମ ବେହେରା ଓ କନିଷ୍ଠ ବିଭାଗରେ ପରିନିକା ସାମଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ବିଜ୍ଞାନ ମେଳାରେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ବ୍ଲକ ଶିକ୍ଷାଧିକାରୀ।

## ସ୍କୁଲ ପରିଦର୍ଶନ କଲେ ଜିଲା ପରିଷଦ ସଭ୍ୟା

**ଲୋଇସିଂହା,୨୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୩୩ନଂ ଜୋନ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ସୋମବାର ପରିଦର୍ଶନ କରିଥିଲେ। ଶ୍ରେଣୀକୁ ଯାଇ ଛାତ୍ରୀଛାତ୍ରଙ୍କ ପାଠପଢା ବୁଝିବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ତଦାରଖ କରିଥିଲେ। ଏଥିସହିତ ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟରେ ଷଷ୍ଠ,ସପ୍ତମ ଓ ଅଷ୍ଟମ ଶ୍ରେଣୀ ରହିଛି । ୩୦୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ପିଲା ପଢୁଥିଲେ ହେଁ, ଶୌଚାଳୟ ସମସ୍ୟା ଯୋଗୁ ଶୌଚ ପାଇଁ ରାସ୍ତାକଡକୁ ଯାଇଥାନ୍ତି। ସେହିପରି ପିଇବା ପାଣି ପାଇଁ ହଟହଟା ହେବାକୁ ପଡୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଅମୂଲ୍ୟମଣୀ ଛତ୍ରିଆ ଓ ସହକାରୀ ଶିକ୍ଷୟିତ୍ରୀ ଜିଲା ପରିଷଦ ସଭ୍ୟାଙ୍କୁ ଜଣାଇଥିଲେ। ଜିଲା ପରିଷଦ ପାଣ୍ଠିରୁ ଖୁବଶୀଘ୍ର ପରିଶ୍ରାଗାର ନିର୍ମାଣ ଓ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ବେହେରା ପ୍ରତିଶ୍ରୁତି ଦେଇଥିବା ସହକାରୀ ଶିକ୍ଷୟିତ୍ରୀ ସ୍ମିତା ମିଶ୍ର କହିଛନ୍ତି।

## ମାଣ୍ଡିଆ ବିକ୍ରୟ ନିମନ୍ତେ ବାହାରିଲା ସଚେତନତା ରଥ


ସଚେତନା ରଥର ଶୁଭାରମ୍ଭ କରାଯାଉଛି।

**ଖପ୍ରାଖୋଲ, ୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟଠାରେ ଓଡିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ବିକ୍ରୟ ନିମନ୍ତେ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଖରିଫ ଋତୁରେ ଅମଳ ହୋଇଥିବା ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରିବା ପାଇଁ ବ୍ଲକର ସମସ୍ତ ପଞ୍ଚାୟତରେ ଆଠ ଦିନ ପର୍ଯ୍ୟନ୍ତ ସଚେତନତା ରଥ ଭ୍ରମଣ କରିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ବ୍ଲକ ପ୍ରୋଗ୍ରାମ ଅଧିକାରୀ ମନୋଜ କେର୍କେଟା, ବିଏଲସି ପ୍ରଶାନ୍ତ ନନ୍ଦ, ପ୍ରାଣୀଧନ ନିରୀକ୍ଷକ ଯୁଧିଷ୍ଠିର ବାରିକ, ବିପିଏସସି ଲକ୍ଷ୍ମୀ ନାରାୟଣ ବିଶି, ସମବାୟ ସମିତି ସମ୍ପାଦକ ଶ୍ରୀପତି ଭୋଇ, ୱାସିଡିଏ ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରା, ଉମେଶ ଗୁପ୍ତା, ଖପ୍ରାଖୋଲ କୃଷକ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଣେଶ ବନଛୋର ଉତ୍ସବରେ ଯୋଗଦେଇଥିଲେ। ଶେଷରେ ଅତିଥିମାନଙ୍କ ଗହଣରେ ୱାସିଡିଏ ୩୦ବର୍ଷ ପୂର୍ତ୍ତି ଅବସରରେ ନୂତନ ଲୋଗୋ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତି ମୁଣ୍ଡା, ପୁରନ୍ଦର ବନଛୋର, ଫକୀର ସାହୁ, ସଦାନନ୍ଦ ବାଗ, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇଲେ ଜିଲା ପରିଷଦ ସଦସ୍ୟ

**ଲାଞ୍ଜିଗଡ଼,୨୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୂଷାନାଳ-ଭବାନୀପାଟଣା ମୁଖ୍ୟ ରାସ୍ତା ସୁଲିଆ ଗାଁ ନିକଟରେ ଜଣେ ଯୁବକ ବାଇକ୍‌ରୁ ପଡି ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଲାଞ୍ଜିଗଡ଼ ଜୋନ-ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ପୋଲିସଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ (ସିଜି୦୪ ଏମକେ-୨୯୨୮) ଯୋଗେ ଜଣେ ଯୁବକ ସନ୍ଧ୍ୟାରେ ମୂଷାନାଳଠାରୁ ଭବାନୀପାଟଣା ପଟେ ଯାଉଥିଲେ। ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ସୁଲିଆ ଗାଁ ନିକଟରେ ବାଇକରୁ ପଡି ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡ଼ିଥିଲେ। ସେହି ରାସ୍ତା ଦେଇ ଜିଲା ପରିଷଦ ସଦସ୍ୟ ନାଏକ ଆସୁଥିବା ବେଳେ ଗୁରୁତର ଅଚେତ ଅବସ୍ଥାରେ ଥିବା ଯୁବକଙ୍କୁ ଦେଖି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଭବାନୀପାଟଣା ଟାଉନ ଥାନା ପିସିଆର ଭ୍ୟାନକୁ ଯୋଗାଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଲିସଙ୍କ ସହାୟତାରେ ଗୁରୁତର ଯୁବକଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯୁବକଙ୍କ ଅଚେତ ଅବସ୍ଥାରେ ରହିଥିବା ବେଳେ ଯୁବକଙ୍କ ଠିକଣା ମିଳି ପାରିନାହିଁ। ଜିଲା ପରିଷଦ ନାଏକଙ୍କ ଏହି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ତୋଷାଳୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗୁଡ଼ଭେଲା,୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ତୋଷାଳୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ, ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ୍ଲ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଶ୍ୟାମ ସୁନ୍ଦର ପ୍ରଧାନ ଓ ହେମନ୍ତ ଦାଶ ମଞ୍ଚାସୀନ ଥିଲେ। ବିଦ୍ୟାଳୟରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସୁଭମ ସୁଆର ଓ ପୃଥିରାଜ ବାରିକ ଏବଂ ବେଷ୍ଟ ଷ୍ଟୁଡେଣ୍ଟସ ଅଫ ଇୟର ଭାବେ ଦଶମ ଶ୍ରେଣୀର ଦେବେଶ ମନହିରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ରୋହିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସୁଭମ ସୁଆର ଓ ପୃଥ୍ୱୀରାଜ ବାରିକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

## ଟିଟିଲାଗଡ଼, କଣ୍ଟାବାଞ୍ଜି ପ୍ରତିଯୋଗୀଙ୍କୁ ୧୨ ସ୍ୱର୍ଣ୍ଣ

**ଟିଟିଲାଗଡ, ୨୦।୧୨ (ଡି.ଏନ.ଏ.)**

କୋଲକତାର ନେତାଜୀ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ କରାଟେ ବିଶ୍ୱ ଚାମ୍ପିୟନଶିପରେ ଟିଟିଲାଗଡ଼ ଓ କଣ୍ଟାବାଞ୍ଜିର ୮ଜଣ ପ୍ରତିଯୋଗୀ ଭାଗନେଇ ୧୨ ସ୍ୱର୍ଣ୍ଣ ପଦକ, ୩ ରୋପ୍ୟ ପଦକ ଓ ଗୋଟିଏ କାଂସ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କାତା ପ୍ରତିଯୋଗିତାରେ ଗୁରୁକୃପା ମାର୍ଶାଲ ଆର୍ଟ ଏକାଡେମୀ କଣ୍ଟାବାଞ୍ଜିର ଖେଳାଳି ପ୍ରେମକାନ୍ତ ମୋରେ, ଇସା ଛାପଡିଆ, ଏସରୀୟ ଛାପଡିଆ ଓ ଟିଟିଲାଗଡ କରାଟେ ଆସୋସିଏଶନର ସାରଳା ସାହୁ, ଦମୟନ୍ତୀ ସାହୁ, ଶ୍ରୀଶାନ୍ତ କୁମାର ମିଶ୍ର, ତୃଷ୍ଣା ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଟିଟିଲାଗଡ କରାଟେ ଆସୋସିଏଶନର ପୀୟୁଷ କୁମାର ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି କୁମୁତି ପ୍ରତିଯୋଗିତାରେ ଗୁରୁକୃପା ମାର୍ଶଲ ଆର୍ଟ ଏକାଡେମୀ କଣ୍ଟାବାଞ୍ଜିର


କରାଟେ ପ୍ରତିଯୋଗିତାରେ ମେଡାଲ ଜିତିଥିବା ବାଳିକା, ବାଳକ।

ଏକାଡେମୀର ଇସା ଛାପଡିଆ ଓ ଟିଟିଲାଗଡ କରାଟେ ଆସୋସିଏଶନର ସାରଳା ସାହୁ, ଦମୟନ୍ତୀ ସାହୁ, ତୃଷ୍ଣା ବେହେରା, ପୀୟୂଷ କୁମାର ବେହେରା ସ୍ୱର୍ଣ୍ଣ ପଦକ ହାସଲ କରଛନ୍ତି। ଟିଟିଲାଗଡ କରାଟେ ଆସୋସିଏସନର ଶ୍ରୀଶାନ୍ତ କୁମାର ମିଶ୍ର ରୌପ୍ୟ ପଦକ ଓ ଗୁରୁକୃପା ମାର୍ଶଲ ଆର୍ଟ ଏକାଡେମୀ କଣ୍ଟାବାଞ୍ଜିର

**କରାଟେ ବିଶ୍ୱ ଚାମ୍ପିୟନଶିପ**

ପ୍ରେମକାନ୍ତ ମୋରେ ରୌପ୍ୟ ପଦକ ଓ ଏଶ୍ୱରୀୟ ଛାପଡିଆ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ ଅନୁଷ୍ଠାନ ର ଖେଳାଳିଙ୍କୁ ପ୍ରଶିକ୍ଷକ ସଂସାଇ ଜିତୁ ପୃଷ୍ଟି ଓ ସଂସାଇ କେଦାର କବାଟ ତାଲିମ ଦେଇଥିଲେ। ଟିଟିଲାଗଡ କରାଟେ ଆସୋସିଏଶନ ସଭାପତି ଅମର ଜିତ ବାଗ, ସମ୍ପାଦକ ସଂସାଇ କେଦାର କବାଟ, କୋଷାଧ୍ୟକ୍ଷ ପ୍ରମୋଦ ପାଲ ଏବଂ ଗୁରୁକୃପା ମାର୍ଶଲ ଆର୍ଟ ଏକାଡେମୀ କଣ୍ଟାବାଞ୍ଜି ସଭାପତି ଆଜାଦ ବଂସଲ, ସମ୍ପାଦକ ରୋହିତ ଅଗ୍ରୱାଲପ୍ରମୁଖ ଖେଳାଳିଙ୍କୁ ସ୍ୱାଗତ ଜଣାଇଥିଲେ ।

# ୧୨୭୭୬ ପ୍ଲଟ୍‌ରେ ମିଛ ଧାନଚାଷ

**ସୋନପୁର, ୨୦।୧୨(ନି.ପ୍ର.)**


ପଡ଼ିଆ ଜମିକୁ ଧାନ ଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା ।

**ସୁବର୍ଣ୍ଣପୁର ଜିଲା**
■ ଘାସବଣ, ପଡ଼ିଆ ଓ ଜଳାଶୟର ହୋଇଥିଲା ପଞ୍ଜୀକରଣ

ଚାଷ ନାହିଁ, ହେଲେ ଜମିରେ ଖରିଫ ଚାଷ ହୋଇଛି ଦର୍ଶାଇ ବିଭାଗ ପାଖରେ ଶତାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ୍ ସର୍ଭେ କିନ୍ତୁ ଏହି ଜାଲିଆତି ଧରାପକାଇଛି। ପଞ୍ଜୀକରଣ ହୋଇଥିବା ଜମି କେଉଁଠି ଘାସବଣ ତ ଆଉ କେଉଁଠି ପଡ଼ିଆ, ଆଉ ପୁଣି କେଉଁଠି ଆଟ ଜମି ଓ ଜଳାଶୟ ରହିଛି। ଗୋଟିଏ କି ଦୁଇଟି ନୁହେଁ, ସୁବର୍ଣ୍ଣପୁର ଜିଲାରେ ୧୨ ହଜାର ୯୫୯ଟି ପ୍ଲଟରେ ଧାନଚାଷ ହୋଇଛି ବୋଲି ଦର୍ଶାଯାଇଥିଲା। ହେଲେ ସାଟେଲାଇଟ୍ ସର୍ଭେରୁ ଏହି ପ୍ଲଟଗୁଡ଼ିକରେ ଧାନଚାଷ ହୋଇ ନଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ରାଜସ୍ୱ, କୃଷି ଓ ସମବାୟ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଥିଲା। ଆଉ ସର୍ଭେରୁ ସତ କଥା ସାମ୍ନାକୁ ଆସିଛି ।

ଖରିଫ ୨୦୨୨-୨୩ରେ ସୁବର୍ଣ୍ଣପୁର ଜିଲାରେ ଚଳିତ ଖରିଫରେ ୭୭ ହଜାର ୩୮୯ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଜିଲାର ୬୫ ହଜାର ୫୨୩ ଚାଷୀ ଧାନ ବିକ୍ରି କରିବାକୁ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ ପଞ୍ଜୀକରଣ କରିଥିଲେ। ପଞ୍ଜୀକରଣ ବେଳେ ଚାଷୀ ଜମିର ସମସ୍ତ ତଥ୍ୟ ଦେଇଥିଲେ। ହେଲେ ପୂର୍ବ ବର୍ଷଗୁଡ଼ିକ ଭଳି ବହୁ ଜମିରେ ଧାନ ଚାଷ ହୋଇ ନ ଥିବା ଓ ଅସାଧୁ ବ୍ୟକ୍ତି ସରକାରୀ ଦରରେ ଧାନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ରାଜସ୍ୱ ନିରୀକ୍ଷକ ଓ ଗ୍ରାମ କୃଷି କର୍ମଚାରୀ କ୍ଷେତ୍ରୀୟ ତଦନ୍ତ କରି ଧାନଚାଷ ହୋଇ ନ ଥିବା ଜମିର ପଞ୍ଜୀକରଣକୁ ବାତିଲ କରିଥିଲେ। ତେବେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ହଜାର ହଜାର ହେକ୍ଟର ଚାଷ ଜମିକୁ ଠିକ୍ ଭାବେ ଅନୁଧ୍ୟାନ କରି ପାରି ନ ଥିଲେ। ସରକାର ଠିକ୍ ତଥ୍ୟ ପାଇବା ପାଇଁ ପୁଣି ସାଟେଲାଇଟ୍ ମାଧ୍ୟମରେ ଧାନ କ୍ଷେତର ସର୍ଭେ କରିଥିଲେ। ଏଥିରୁ ଜିଲାରେ ୧୨୯୫୯ ପ୍ଲଟରେ ଧାନ ଚାଷ ହୋଇ ନ ଥିବା ଜଣା ପଡିଥିଲା। ସାଟେଲାଇଟ୍ ସର୍ଭେକୁ ଆହୁରି ନିର୍ଭୁଲ କରିବା ପାଇଁ ରାଜ୍ୟ ସରକାର ରାଜସ୍ୱ ଓ ସମବାୟ ବିଭାଗ କର୍ମଚାରୀଙ୍କୁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଏହି ସର୍ଭେ କାମରେ ଜିଲାର ୨୦୬ଜଣ କର୍ମଚାରୀ ନିୟୋଜିତ ହୋଇ ସାଟେଲାଇଟ ସର୍ଭେରେ ସନ୍ଦେହ ଥିବା ପ୍ଲଟ୍‌ଗୁଡ଼ିକୁ ପରିଦର୍ଶନ କରିଥିଲେ। ଆଉ ଚାଷ ହୋଇ ନ ଥିବା ତଥା ମିଛ ଧାନ ଚାଷଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପଲୋଡ କରିଥିଲେ । ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ମୋଟ ୧୨୯୫୯ ପ୍ଲଟ୍‌ରୁ ସୋମବାର ସନ୍ଧ୍ୟା ସୁଦ୍ଧା ୧୭୯ ପ୍ଲଟ୍‌ରେ ଧାନଚାଷ ହୋଇଥିବା କ୍ଷେତ୍ରୀୟ ତଦନ୍ତରୁ ଜଣାପଡିଛି। ବାକି ୪ଟି ପ୍ଲଟର କ୍ଷେତ୍ରୀୟ ତଦନ୍ତ ବାକି ଥିବା ବେଳେ ୨ଟି ପ୍ଲଟ ସହକାରୀ ନିବନ୍ଧକ ସମବାୟ ସମିତିଙ୍କ ନିକଟରେ ପେଣ୍ଡିଂ ଅଛି। ତେବେ ସର୍ଭେ ଅନୁସାରେ ୧୨୭୭୬ ପ୍ଲଟରେ ଧାନଚାଷ ହୋଇ ନଥିବା ବେଳେ ଧାନ ବିକ୍ରି କରିବା ପାଇଁ ମିଥ୍ୟା ତଥ୍ୟ ଦେଇ ପଞ୍ଜୀକରଣ କରାଯାଇଥିବା ସ୍ପଷ୍ଟ ହୋଇଛି। ଜିଲାର ଡୁଙ୍ଗୁରିପାଲି, ବିନିକା, ତରଭା, ବୀରମହାରାଜପୁର, ଉଲୁଣ୍ଡା ଓ ସୋନପୁର ବ୍ଲକରେ କେତେଜଣ ଜମି ମାଲିକ ମିଥ୍ୟା ତଥ୍ୟ ଦେଇ ଧାନଚାଷ ହୋଇଥିବା ଦର୍ଶାଇଥିଲେ। କ୍ଷେତ୍ର ପରିଦର୍ଶନ ବା ସର୍ଭେ ସମୟରେ ସେ ସବୁ ଜମି ଘାସବଣ, ପଡ଼ିଆ, ଜଳାଶୟ, ଅନାବାଦୀ ଓ ଟାଙ୍ଗରା ଭୂଇଁ ଥିବା ରାଜସ୍ୱ ଓ ସମବାୟ ବିଭାଗର କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଫଳରେ ସାଟେଲାଇଟ୍ ସର୍ଭେ ରିପୋର୍ଟ ଯେ ସମ୍ପୂର୍ଣ୍ଣ ଠିକ୍ ତାହା ପ୍ରମାଣିତ ହୋଇଛି। କେତେଜଣ ଅସାଧୁ ଲୋକ ଚାଷ ନ କରି ଧାନ ବିକ୍ରି କରି ଚାଲିଥିବା ବେଳେ ବହୁ ଚାଷୀ ଯୋଗ୍ୟ ଥାଇ ବି ସରକାରୀ ଦରରେ ଧାନ ବିକ୍ରି କରି ପାରୁନାହାନ୍ତି। ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ୨୦୨୧-୨୨ ଖରିଫରେ ସୁବର୍ଣ୍ଣପୁର ସମେତ ୮ଟି ଜିଲାରେ ସାଟେଲାଇଟ୍ ସର୍ଭେ ଜରିଆରେ ଧାନ କିଣାଯାଇଥିଲା। ଧାନ କିଣାରେ ସ୍ୱଚ୍ଛତା ପାଇଁ ସରକାର ୨୦୨୨-୨୩ ଖରିଫରେ ସମସ୍ତ ୩୦ଟି ଜିଲାରେ ସାଟେଲାଇଟ୍ ସର୍ଭେ ଜରିଆରେ ପ୍ରକୃତ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

**ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ**

# ପାଇକମାଳ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ପାଇକମାଳ,୨୦।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଆଲୁମିନି କମିଟି ସଭାପତି ତଥା ପୂର୍ବତନ ଶିକ୍ଷକ ଅନିଲ କାଳିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତ୍ରିପାଠୀ ନିଜ ବକ୍ତବ୍ୟରେ ତାଙ୍କୁ ପଢାଇଥିବା ଶିକ୍ଷକଙ୍କୁ ପ୍ରଶଂସା କରିଥିଲେ ଏବଂ ପାଇକମାଳ ଅଞ୍ଚଳରେ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପାଇକମାଳ ହାଇସ୍କୁଲର ପୁରାତନ ଛାତ୍ର ହୋଇଥିବାରୁ ତ୍ରିପାଠୀ ନିଜକୁ ଧନ୍ୟ ମନେ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତ୍ରିପାଠୀ ସ୍କୁଲର ସଭାଗୃହ ତଥା ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ପ୍ରଫୁଲ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଡା. ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ସମ୍ବଲପୁର ଆରଡିସି ସୁରେଶ ଚନ୍ଦ୍ର ଦଳେଇ, ପୂବତନ ବିଧାୟକ ସତ୍ୟଭୂଷଣ ସାହୁ, ପାଇକମାଳ ବିଇଓ ଚୂଡାମଣି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହୀରକ ଜୟନ୍ତୀ ସମାରୋହର ସ୍ମରଣିକା 'ନୃସିଂହପ୍ରଭା' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତି, ପୂର୍ବତନ ଇଂରାଜୀ ଶିକ୍ଷକ ଲିଙ୍ଗରାଜ ସାହୁ, କିରାଣୀ ପାରେଶ୍ୱର ଭୋଇ, ପୂର୍ବତନ ହିନ୍ଦୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ଜଗମୋହନ ତ୍ରିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନବିକ୍ରି ପାଇଁ ଟୋକନ ଆସୁନି

**ସୋନପୁର,୨୦।୧୨(ନି.ପ୍ର.)**


ଚାଷୀ ପରିବାର ଧରଣାରେ ବସିଛନ୍ତି ।

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ସହରାପାଲି ଗ୍ରାମର ରାଜେନ୍ଦ୍ର ମହାକୁର, ଗୁଣନିଧି ମହାକୁର ଓ ଦେବରାଜ ବର୍ଗଡ଼ି ଖରିଫ ୨୦୨୨-୨୩ରେ ଧାନ ବିକ୍ରି କରିବା ପାଇଁ ଚାଷୀ ପଞ୍ଜୀକରଣ କରିଥିଲେ। ଧାନ ଅମଳ କରି ବିକ୍ରି କରିବା ପାଇଁ ସେମାନେ ଚାହିଁ ବସିଛନ୍ତି। କିନ୍ତୁ ମଣ୍ଡିରେ ଧାନ ବିକ୍ରି ପାଇଁ ସେମାନଙ୍କୁ ଏଯାଏ ଟୋକନ ଆସିନି। ଚାଷୀମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ସମବାୟ ବିଭାଗ ଓ ଜିଲା ଯୋଗାଣ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି। ପ୍ରତିବାଦରେ ଚାଷୀମାନେ ପରିବାର ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି। ଚାଷୀ ପରିବାରର ଆନ୍ଦୋଳନକୁ ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ପ୍ରଦୀପ ପୁରୋହିତ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସମର୍ଥନ ଜଣାଇ ଧାରଣାରେ ବସିଛନ୍ତି।

ଗୁଣନିଧି ମହାକୁର ୩ ଏକର ୯୦୦ ଡେସିମିଲ ଜମିରେ ଖରିଫ ଧାନଚାଷ କରିଥିଲେ। ସେହିପରି ରାଜେନ୍ଦ୍ର ମହାକୁର ୪ ଏକର ୨୧ ଡେସିମିଲ ଓ ଦେବରାଜ ବର୍ଗଡ଼ି ୩ ଏକର ୮୯୦ ଡେସିମିଲ ଜମିରେ ଧାନ ଚାଷ କରିଥିଲେ। ଗୁଣନିଧି, ରାଜେନ୍ଦ୍ର ଓ ଦେବରାଜ ରେଙ୍ଗାଲି ପାକ୍ସରେ ଜମିର ଆବଶ୍ୟକ କାଗଜାତ ନେଇ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ତେବେ ପଞ୍ଜୀକରଣ ହୋଇଥିବା ପ୍ଲଟରେ ଧାନଚାଷ ହୋଇ ନଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡିଛି। ତେଣୁ ସମ୍ପୃକ୍ତ ତିନିଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଆସିନି। ଜିଲା ପ୍ରଶାସନ ଚାଷୀଙ୍କ ପ୍ଲଟର ପୁନଃ ସର୍ଭେ କରି ଟୋକନ ପ୍ରଦାନ କରିବାକୁ ଦାବି ହେଉଛି।

# ତହସିଲ କାର୍ଯ୍ୟାଳୟରେ ତାଲା ପକାଇଲେ

**ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ**

**ବିନିକା, ୨୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଦେଇ ୨୨୦କେଭି ବିଦ୍ୟୁତ୍ ଟାୱାର ନିର୍ମାଣ କାମକୁ ମଙ୍ଗଳବାର ଅନ୍ୟତ୍ର ସ୍ଥାନାନ୍ତରିତ ଦାବିରେ ଲୋକେ ତହସିଲ କାର୍ଯ୍ୟାଳୟରେ ତାଲା ପକାଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ଧରି କୌଣସି ପ୍ରଶାସନିକ ଅଧିକାରୀ ନ ଆସିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୁଧବାର ବିନିକା ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବନ୍ଦ ସମୟରେ ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ। ପ୍ରକାଶଥାଉକି କଟାପାଲିରୁ ବିନିକା ଦେଇ କିଆକଟା ଯାଉଥିବା ୨୨୦ କେଭି ଟ୍ରାନ୍ସମିଶନ ଲାଇନ ବିନିକା ପରିବର୍ତ୍ତେ ଅନ୍ୟତ୍ର ନେବାକୁ କେତେକ ଜମି ସ୍ୱତ୍ୱାଧିକାରୀ ଓ ଜନସାଧାରଣ ପୂର୍ବରୁ ତହସିଲଦାର, ଏନଏସି ଅଧ୍ୟକ୍ଷ ଏବଂ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏପରିସ୍ଥଳେ ସୋମବାର ସ୍ଥାନୀୟ ଲୋକେ ଚାଲିଥିବା କାମସ୍ଥଳକୁ ଯାଇବନ୍ଦ କରିଥିଲେ। ଯେ ପର୍ଯ୍ୟନ୍ତ ଏହା ସ୍ଥାନାନ୍ତରିତ କରା ନ ଯାଇଛି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି।

# ଜୁନିୟର ରେଡ଼କ୍ରସ୍ ସଚେତନତା ଅଭିଯାନ


ସଚେତନତା ଅଭିଯାନରେ ଜୁନିୟର ରେଡକ୍ରସ ୟୁନିଟ୍ ଛାତ୍ରୀଛାତ୍ର, ପରାମର୍ଶଦାତା ଓ ଅତିଥି ବୃନ୍ଦ।

**ସୋନପୁର,୨୦।୧୨(ନି.ପ୍ର.)**

ସୋନପୁର ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ସଚେତନତା ଅଭିଯାନ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ରେଡକ୍ରସ ପତାକା ଉତ୍ତୋଳନ କରି ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ, ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟ ନାରାୟଣ ତ୍ରିପାଠୀ ଓ ଜୁନିୟର ରେଡକ୍ରସର ଭାଇସ ଚେୟାରମ୍ୟାନ ଗତିକୃଷ୍ଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମ ପରାଚାଳନା କରିଥିଲେ। ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୋନପୁର ବ୍ଲକର ୨୩ ସ୍କୁଲରୁ ଆସିଥିବା ଜୁନିୟର ରେଡକ୍ରସ ପରାମର୍ଶଦାତାମାନଙ୍କୁ ସାଧନକର୍ମୀ ଅନୁପ୍ରିୟା ମିଶ୍ର ଓ ଗୋପେଶ ପଣ୍ଡା ରେଡକ୍ରସ ଆନ୍ଦୋଳନ, ଜୁନିୟର ରେଡକ୍ରସ ବିଦ୍ୟାଳୟସ୍ତରୀୟ ସର୍ବନିମ୍ନ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା, ସିପିଆର, ରକ୍ତସ୍ରାବ, ରିକୋଭରି ପୋଜିସନ, ମୁର୍ଚ୍ଛା, ବ୍ୟାଣ୍ଡେଜ ଓ ସଡକ ସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସ ୟୁନିଟ୍ ଛାତ୍ରୀଛାତ୍ର, ଶିକ୍ଷକ ଲୋକନାଥ ଠେଲା, ଚିତ୍ତରଞ୍ଜନ ଭୋଇ, ଲବ ପାରୁଆ, ଦେବେନ୍ଦ୍ର ଗହୀର, ଲୋକନାଥ ମିସ୍ତ୍ରୀ, ସୁବାଶିଷ ଖେତି, ଜୟକୃଷ୍ଣ ନାୟକ, ପଦ୍ମନାଭ ନନ୍ଦ ଓ ଶିକ୍ଷୟତ୍ରୀ ସସ୍ମିତା ଭୋଇ ସହଯୋଗ କରିଥବଲେ। ବିଦ୍ୟାଳୟ ଜୁନିୟର ରେଡକ୍ରସ ପରାମର୍ଶଦାତା ବସୁଦେବ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ।

# ବରପାଲିରେ କ୍ରିକେଟ ଟୁର୍ନାମେଣ୍ଟ


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୨୦।୧୨(ଡି.ଏନ.ଏ.)**

ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଅବସରରେ ବରଗଡ ଜିଲା ବରପାଲି ବ୍ଲକ ଗୋପାଇପାଲି ଗ୍ରାମପଞ୍ଚାୟତ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ବିରୋସନ ସାହୁ, ସରପଞ୍ଚ ମୀତା ନାଏକ, ସମିତି ସଭ୍ୟ ଜଜନା ମଟାରୀ, ସମିତି ସଭ୍ୟ ଦେବେନ୍ଦ୍ର ଭୋଇ, ସରପଞ୍ଚ ବିନୟ ଗଡତିଆ, ବରପାଲି ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ଗୁରୁ ମେହେର, କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ାପ୍ରେମୀ ମହାଦେବ ପଧାନ, କଲ୍ୟାଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ବିଶି ତଥା ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ବିଜୟପଲ୍ଲୀ ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

**ବରପାଲି,୨୦।୧୨(ଡି.ଏନ.ଏ.)**

ବରପାଲି ବ୍ଲକ ଅନ୍ତର୍ଗତ ବିଜୟପଲ୍ଲୀ ସରକାରୀ ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ଆଦିକନ୍ଦ ପଧାନ ସଭାପତିତ୍ୱ କରିଥିଲେ। ବରଗଡ଼ ଜିଲା ଶିକ୍ଷା ନିରୀକ୍ଷକ (କଲ୍ୟାଣ ବିଭାଗ) ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ଅତିଥି, ରେଶମ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପୁରନ୍ଦର ନନ୍ଦ ମୁଖ୍ୟବକ୍ତା, ଅବସରପ୍ରାପ୍ତ କମାଣ୍ଡାଣ୍ଟ ବିଜୟ ପ୍ରକାଶ ବାବୁ, ସ୍କୁଲ ଅଧ୍ୟକ୍ଷ ଧନେସ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବଢେଇ, ସମିତି ସଭ୍ୟ ଉପେନ୍ଦ୍ର ବାଗ, ଶିକ୍ଷାବିତ୍ ଅନିରୁଦ୍ଧ ଦେବତା, ବ୍ୟୋମକେଶ ପଧାନ, ଲାଖିନ୍ଦ୍ର ସେଠ, ପ୍ରଫୁଲ୍ଲ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସ୍କୁଲର ଉନ୍ନତୀକରଣ, ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଚରିତ୍ର ଗଠନ ସହିତ ଶିକ୍ଷାର ବିକାଶ ଦିଗରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ଶିକ୍ଷକ କମଳେଶ ପଧାନ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅସହାୟ ମହିଳାଙ୍କ ଉପରେ ୫ ଶିଶୁଙ୍କ ବୋଝ

**ସୋନପୁର,୨୦।୧୨(ନି.ପ୍ର.)**

**ଭିକ୍ଷା ବୃତ୍ତିରେ ବଞ୍ଚୁଛି ଜୀବନ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଲାଟି ଗ୍ରାମର ଅସହାୟ ମହିଳା ଜନତା ବିଶ୍ୱାଳ(୫୦)। ତାଙ୍କ ସ୍ୱାମୀ ଗଣେଶ ଗତ ଅଗଷ୍ଟ ମାସରୁ ଘର ଛାଡି କେଉଁଆଡେ ଚାଲି ଯାଇଛନ୍ତି। ଜନତାଙ୍କ ଉପରେ ଏବେ ୫ ପିଲାଛୁଆଙ୍କ ବୋଝ। ଝିଅ ଅଙ୍କିତା(୨), ପୁଅ ଅଭିଶେକ(୧୨), ଅନମୋଲ(୧୧), ଅନୁଭବ(୪) ଓ ସିଦ୍ଧାନ୍ତ(୪ ମାସ)ଙ୍କୁ ଲାଳନପାଳନ କରି ବଡ କରିବା ଏବେ ତାଙ୍କ ପାଇଁ ବଡ ଚ୍ୟାଲେଞ୍ଜ। ବଡ ପୁଅ ଅଭିଶେକ ଗାଁ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଓ ଅନମୋଲ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଅନୁଭବ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛି। ଜନତା ସାନ ପୁଅ ସିଦ୍ଧାନ୍ତକୁ କୋଳରେ ଧରି ଝିଅ ଅଙ୍କିତା ସହିତ ପ୍ରବଳ ଥଣ୍ଡାରେ ଘରକୁ ଘର ବୁଲି ଭିକ୍ଷା ମାଗୁଛନ୍ତି। ତେବେ ଛୋଟ ଶିଶୁଙ୍କୁ ଧରି ଦୂରକୁ ଯାଇ ପାରୁ ନାହାନ୍ତି। ଯାହା ମିଳୁଛି ବହୁ କଷ୍ଟରେ ଚଳୁଛନ୍ତି। ଜମି ବାଡି ବୋଲି କିଛି ନାହିଁ। ପେଟ ଚାଖଣ୍ଡ ପାଇଁ ତାଙ୍କୁ ଅନ୍ନ ଚିନ୍ତା ଘାରିଛି। ସରକାର ଗରିବ ଓ ଅସହାୟ ପରିବାର ପାଇଁ ଅନେକ ଯୋଜନା କରୁଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ଶିଶୁଙ୍କ ପାଇଁ ଅନେକ କାମ କରୁଥିବା କହୁଛନ୍ତି । କିନ୍ତୁ ଜନତାଙ୍କ ଭଳି ଅସହାୟ ମହିଳା ଓ ତାଙ୍କ ଶିଶୁଙ୍କୁ କୌଣସି ସହାୟତା ମିଳିପାରିନି। ମଙ୍ଗଳବାର ଜନତା ସହାୟତା ପାଇବା ଆଶାରେ ୪ ଶିଶୁଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ ଜିଲାରେ ଧାନ ସଂଗ୍ରହକୁ ନେଇ କାର୍ଯ୍ୟାଳୟରେ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରୁଥିବା ବେଳେ ଜନତା କାର୍ଯ୍ୟାଳୟ ବାହାରେ ଅପେକ୍ଷା କରିଥିଲେ। ତେବେ ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ମହିଳାଙ୍କ ନିକଟକୁ ଆସି ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ବିଶ୍ୱାଳ ସକ୍ଷୀ ଅନୁଷ୍ଠାନର ସଂଯୋଜିକାଙ୍କୁ ଫୋନ କରି ମହିଳା ଓ ଶିଶୁଙ୍କୁ ନେବା ପାଇଁ କହିଥିଲେ। ସକ୍ଷୀର ସଂଯୋଜିକା ରାଜଶ୍ରୀ ମହାନ୍ତି ମହିଳାଙ୍କୁ କାଉନସେଲିଂ କରିଥିଲେ। ଶିଶୁମାନଙ୍କୁ ଶିଶୁ ଗୃହରେ ଛାଡିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ବଡ ପୁଅ ସ୍କୁଲକୁ ଯାଇ ଥିବାରୁ ତାଙ୍କୁ ଏକା ଛାଡି ଜନତା ସକ୍ଷୀରେ ରହିବାକୁ ଅମଙ୍ଗ ହୋଇଥିଲେ। ବସ୍‌ରେ ସେ ଘରକୁ ଯାଇଥିଲେ। ବୁଧବାର କାଗଜପତ୍ର ଧରି ସୋନପୁର ଆସିବେ ବୋଲି କହିଛନ୍ତି। ଜିଲା ପ୍ରଶାସନ ଅସହାୟ ମହିଳା ଓ ଶିଶୁଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମା' ଜନତା ନିବେଦନ କରିଛନ୍ତି।

# ଅମରପାଲି କ୍ରିକେଟ: ମୁର୍ଷୁଣ୍ଡି ଚାମ୍ପିୟନ

**ଅମରପାଲି,୨୦।୧୨(ଡି.ଏନ.ଏ.)**



ଅତିଥିଙ୍କ ସହିତ ଚାମ୍ପିୟନ ମୁର୍ଷୁଣ୍ଡି ଦଳ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ୩୦ତମ ଅମରପାଲି କ୍ରିକେଟ କପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଉଫୁଲାକୁ ହରାଇ ମୁର୍ଷୁଣ୍ଡି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୬୪ରନ କରିଥିଲା। ଜବାବରେ ମୁର୍ଷୁଣ୍ଡି ଦଳ ଆବଶ୍ୟକ ୬୫ରନକୁ ୫.୩ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ମୁର୍ଷୁଣ୍ଡି ଦଳ ୧୦.୪ ଓଭରରେ ୩ ଉଇକେଟ ହରାଇ ୧୦୩ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ମୁର୍ଷୁଣ୍ଡି ଚାମ୍ପିୟନ ହୋଇଥିଲା। ଆୟୋଜକ କମିଟି ସଭାପତି ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରାଣବନ୍ଧୁ ସାହୁ ସଭା ପରିଚାଳନା କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସ୍ଥାନୀୟ ସରପଞ୍ଚ ନିରୂପମା ସେଠି, ଗରଗଡବାହାଲ(ରେଢାଖୋଲ) ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ଆୟୋଜକ ସମ୍ପାଦକ ଜୟ ପ୍ରକାଶ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ହାଏଷ୍ଟ ସିକ୍ସରଭାବେ ଉଲୁଣ୍ଡାର ଅଭିଲାଶ ନାଏକ, ଶ୍ରେଷ୍ଠ ଫିଲଡର କଳାପଥରର ଅନୁରାଗ ଭୋଇ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ବ୍ରାହ୍ମଣିପାଲି(ରେଢାଖୋଲ), ଶ୍ରେଷ୍ଠ କ୍ୟାଚ ବ୍ରାହ୍ମଣିପାଲିର ଗୋପାଳ ସ୍ୱାଇଁ, ପରପଲ କ୍ୟାପ କଳାପଥରର ଅନିଲ ପ୍ରଧାନ, ଅରେଞ୍ଜ କ୍ୟାପ ଓ ମ୍ୟନ ଅଫ ଦି ସିରିଜ ଭାବେ ଉଫୁଲାର ରାଜ କୁମାର ମେହେର, ମ୍ୟାନ ଅଫ ଦି ଫାଇନାଲ ଭାବେ ମୁର୍ଷୁଣ୍ଡିର ଜିତେନ୍ଦ୍ର ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୧୫ହଜାର ଟଙ୍କା ସହିତ କବିନ ସ୍ମାରକୀ ଟ୍ରଫି ଏବଂ ରନର୍ସ ଅପ ଉଫୁଲା ଦଳକୁ ନଗଦ ୮ହଜାର ଟଙ୍କା ସହିତ ତ୍ରିଲୋଚନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟଚକୁ ସୁରେଶ ବିଶି ଓ ରଘୁବୀର ମିଶ୍ର ପରିଚାଳନା କରିଥିଲେ। ଯୁଧିଷ୍ଠିର ସାହୁ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ମହାନଗର ନିଗମ ଆୟୋଜିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ହାୱା ମଇଦାନ, ସକାଳ ୮ଟା।
- ପୁରୁଣା ବଲାରଙ୍ଗା ସରକାରୀ ୟୁଜି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପଡିଆ, ଅପରାହ୍ନ ୨ଟା।

## ସଂକ୍ଷେପରେ

### ପଡ଼ିଆବାହାଲରେ ହାତୀ ଉପଦ୍ରବ

**ପଡିଆବାହାଲ, ୨୦।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ପଡିଆବାହାଲ ବନାଞ୍ଚଳ ଅନ୍ତର୍ଗତ ବଡ଼ସାହି ଓ ଆଖପାଖ ଗ୍ରାମରେ ୨୭ ଘରିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ସେମାନେ ଧାନ ଖାଇବା ସହ ପନିପରିବା ଫସଲ ଖାଇ ନଷ୍ଟ କରୁଛନ୍ତି। ସୋମବାର ରାତିରେ ହାତୀପଲ ବଡ଼ସାହିର କୈଳାସ ପଧାନ ସରକାରୀ ଯୋଜନାରେ କରିଥିବା ଆମ୍ବ ବଗିଚାରେ ପଶି ବହୁ ଗଛ ଭାଙ୍ଗି ପରିବା ଫସଲ ନଷ୍ଟ କରିଛନ୍ତି। ସେହିପରି ସରୋଜ ବିରଗଣ୍ଡିଆଙ୍କ ତିନି ଏକର ଜମିର ଧାନ ଖାଇ ଦଳିଚକଟି ନଷ୍ଟ କରିଥିବା ନେଇ ସେ ବନବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ବନ କର୍ମଚାରୀ ମମତା ଲୁହା ବିଧିମତେ ଆବେଦନ କଲେ ସରକାରୀ ସହାୟତା ମିଳିବ ବୋଲି କହିଥିବା ଜଣାପଡିଛି।

### ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା ଅଫିସ,୨୦।୧୨:** କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଧାନଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅଶୋକ କୁମାର ପଟେଲ, କୁବେର ଚୌଧୁରୀ, ମୀରା ନାଏକ, ରାଜ୍ୟସ୍ତରୀୟ ମହିଳା ହକି ଖେଳାଳି ତଥା ଜିଲା ହକି ସଂଘ କୋଚର ମଞ୍ଜୁ ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମାଝି କ୍ରୀଡ଼ା ମହୋତ୍ସବର ଆଭିମୁଖ୍ୟ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଖେଳ ଶିକ୍ଷକ ଜୀବର୍ଦ୍ଧନ ରାଉତଙ୍କ ନେତୃତ୍ୱ ଓ କୋଚର ମଞ୍ଜୁ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଶଟପୁଟ, ଡିସକସ, ଜାଭେଲିନ ଥ୍ରୋ ଇତ୍ୟାଦି ଖେଳ ପ୍ରତିଯୋଗିତା ହୋଇଥିଲା।

### ଶିଶୁ ମଙ୍ଗଳ କମିଟି ସଦସ୍ୟଙ୍କୁ ସ୍ୱାଗତ

**ଝାରସୁଗୁଡ଼ା ଅଫିସ,୨୦।୧୨:** ଝାରସୁଗୁଡାର ଶିଶୁ ମଙ୍ଗଳ କମିଟି ନୂତନ ଅଧକ୍ଷ ଆଶିଷ କୁମାର ପଣ୍ଡା, ସଦସ୍ୟ ଜନ୍ମଜୟ ଦାସ, ମମତା ଦାସ ଓ ଗୋବର୍ଦ୍ଧନ ମହାନନ୍ଦ ପ୍ରମୁଖ ସୋମବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୂର୍ବତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଅଧକ୍ଷତାକରି ବିଗତ ଦିନରେ ଶିଶୁ କଲ୍ୟାଣ କମିଟିର ଶିଶୁମାନଙ୍କ ପ୍ରତି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପୂର୍ବତନ ଅଧକ୍ଷା ଆନନ୍ଦିନୀ ପାଢ଼ୀ, ପୂର୍ବତନ ସଦସ୍ୟ ମମତା ତ୍ରିପାଠୀ, ଅହଲ୍ୟା ନାୟକ ଓ ଗୁଣନିଧି ଭଇଁଷା ପ୍ରମୁଖ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ନୂତନ କର୍ମକର୍ତ୍ତାଙ୍କ ମଙ୍ଗଳ କାମନା କରିରିଲେ। ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିଥିଲେ।

### ଶ୍ରମିକ ନେତାଙ୍କ ବିୟୋଗରେ ବିଜେଡିର ଶୋକସଭା

**ସମ୍ବଲପୁର,୨୦।୧୨(ବ୍ୟୁରୋ):** ଶ୍ରମିକ ନେତା ନିର୍ମଳ ପଟ୍ଟନାୟକଙ୍କ ବିୟୋଗରେ ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ମଙ୍ଗଳବାର ଶୋକ ସଭା ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ସିଦ୍ଧାର୍ଥ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ରାଧାକାନ୍ତ ବହିଦାର, ଜିଲା ଉପସଭାପତି ଅଶୋକ ମହାକୁର୍, କୁମାର ଚନ୍ଦ୍ର ରାଉତ, ବରିଷ୍ଠ ନେତା ମୋତିଲାଲ ତନ୍ତି, ଜିଲା ସଧାରଣ ସମ୍ପାଦକ ବୁଲୁ ପାଣିଗ୍ରାହୀ, ଜିଲା ସମ୍ପାଦକ ଦିଲୀପ ଦାଶ, ଯୁବା ନେତା ଯାମିନି ବହିଦାର, ଜୟନାରାୟଣ ନାଗ, ରାଜ୍ୟ ବିଜୁ ମହିଳା ଜନତା ଦଳ ସମ୍ପାଦିକା ମିତାଲି ସାହୁ, ରାଖୀ ମୁଣ୍ଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଜେଡି ପରିବାରର ଅନ୍ୟତମ ବରିଷ୍ଠ ସଦସ୍ୟ ନିର୍ମଳ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ଅଂଶଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଅଚାର୍ଯ୍ୟ, ଶ୍ରମିକ ନେତା ଗୋକୁଲ ମେହେରଙ୍କ ସମେତ ସମସ୍ତ ସଦସ୍ୟ ଶୋକ ବ୍ୟକ୍ତ କରିଛନ୍ତି।

# ୪୭ବର୍ଷ ବନ୍ଦୀ ହୋଇ ଜୀବନ ହାରିଥିଲେ ଉଦନ୍ତ ସାଏ

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ। ଏଠିକାର ଅନେକ ବୀରପୁତ୍ରଙ୍କ ଗାଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି। ହେଲେ ଆଉ କେତେଜଣ ବୀରପୁତ୍ର ତଥା ସଂଗ୍ରାମୀଙ୍କ ବିଷୟରେ ଠିକ୍ ଭାବେ ପ୍ରଚାର ପ୍ରସାର ହୋଇପାରି ନାହିଁ। ସେହିଭଳି ଜଣେ ମହାନ୍ ସଂଗ୍ରାମୀ ହେଉଛନ୍ତି ବୀର ସୁରେନ୍ଦ୍ର ସାଏଙ୍କ ସାନ ଭାଇ ଉଦନ୍ତ ସାଏ। ଉଦନ୍ତ ବିଶ୍ୱରେ ସର୍ବାଧିକ ସମୟ କାରାଗାର ଭୋଗିଛନ୍ତି। ନୂଆଦିଲ୍ଲୀ ଓ ବିଭିନ୍ନ ରାଜ୍ୟରେ ଥିବା ଅଭିଲେଖାଗାରର ତଥ୍ୟ ପ୍ରମାଣ ସଂଗ୍ରହ କରିବା ପରେ ଏହା ଜଣାପଡ଼ିଛି ବୋଲି ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଐତିହାସିକ ଦୀପକ ପଣ୍ଡା ଓ ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର କହିଥିଲେ।

ଦୀପକ କହିଥିଲେ, ରାଜନୈତିକ ବ୍ୟକ୍ତି ଭାବେ ସର୍ବାଧିକ ସମୟ କାରାଦଣ୍ଡ ଭୋଗିଥିବା ଜନନେତା ହେଉଛନ୍ତି ଦକ୍ଷିଣ ଆଫ୍ରିକାର ନେଲ୍‌ସନ ମଣ୍ଡେଲା। ସେ ୨୭ବର୍ଷ କାଳ କାରାଗାରରେ ବନ୍ଦୀ



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଐତିହାସିକ ଦୀପକ ପଣ୍ଡା।

ହୋଇ ରହିଥିଲେ। ସେହିପରି ସଶସ୍ତ୍ର ସଂଗ୍ରାମର ନାୟକ ବୀର ସୁରେନ୍ଦ୍ର ସାଏ ତାଙ୍କ ଜୀବନର ୩୭ବର୍ଷ ବନ୍ଦୀ ଜୀବନ ବିତାଇ କାରାଗାରରେ ପ୍ରାଣତ୍ୟାଗ କରିଥିଲେ। ହେଲେ ଉଦନ୍ତ ସାଏ ଅଧିକ ୧୦ ବର୍ଷ ଅର୍ଥାତ୍ ୪୭ ବର୍ଷ ବନ୍ଦୀ ଜୀବନ ବିତାଇ ଶେଷରେ ଜେଲରେ ପ୍ରାଣତ୍ୟାଗ କରିଥିଲେ। ତେଣୁ ଉଦନ୍ତ ହିଁ ବିଶ୍ୱରେ ସର୍ବାଧିକ ସମୟ ବନ୍ଦୀ ଭାବରେ ବିତାଇଛନ୍ତି। ସେ ସମୟରେ ଉଦନ୍ତଙ୍କୁ ତାଙ୍କ କାକା ବଳରାମ ସିଂହଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରାଯାଇ ୧୮୪୦ରେ ହଜାରିବାଗ କାରାଗାରରେ ବନ୍ଦୀ ଭାବେ ରଖାଯାଇଥିଲା। ଦୀର୍ଘ ୧୭ ବର୍ଷର କାରାବରଣ ପରେ ୧୮୫୭ରେ ସିପାହୀ ବିଦ୍ରୋହ ସମୟରେ ବିଦ୍ରୋହୀଙ୍କ ଦ୍ୱାରା ସୁରେନ୍ଦ୍ର ଓ ଉଦନ୍ତ ମୁକ୍ତ ହୋଇଥିଲେ। ଇଂରେଜ ସରକାର ୧୮୬୨ରେ ବହୁ ଉଦ୍ୟମ କରି ଶାନ୍ତି ସ୍ଥାପନ କରିଥିଲେ। ଷଡ଼ଯନ୍ତ୍ର କରି ୧୮୬୪ ଜାନୁୟାରୀ ୨୨ ତାରିଖ ରାତିରେ ସୁରେନ୍ଦ୍ର ସାଏଙ୍କ ପରିବାରର ସମସ୍ତ ପୁରୁଷ ସଦସ୍ୟ ଏବଂ ସହଯୋଗୀଙ୍କୁ ଗିରଫ କରାଯାଇ ରାୟପୁରକୁ ପଠାଯାଇଥିଲା। ସେସନ୍ସ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମାତ୍ର ଜୁଡିସିଆଲ କମିଶନରଙ୍କ କୋର୍ଟ ସେମାନଙ୍କୁ ଦୋଷମୁକ୍ତ କରି ପୂର୍ବ କୋର୍ଟର ଦଣ୍ଡାଦେଶକୁ ଖାରଜ କରିଥିଲେ। ତଥାପି ସେମାନଙ୍କୁ ମୁକ୍ତ କରାଗଲା ନାହିଁ। ୧୮୧୮ ଅଟକ ଆଇନର ଧାରା ୩ ଅନୁସାରେ ସେମାନଙ୍କୁ ଅଟକ ବନ୍ଦୀ ଭାବରେ ରଖାଯାଇଥିଲା। ସୁରେନ୍ଦ୍ର, ତାଙ୍କର ତିନି ଭାଇ ଉଦନ୍ତ, ଧ୍ରୁବ, ମେଦିନୀ ତଥା ପୁତ୍ର ମିତ୍ରଭାନୁ ଏବଂ ରମ୍ପେଲା ଗୌନ୍ତିଆ ଲୋକନାଥ ପଣ୍ଡା ଓ ଲଖନପୁର ଜମିଦାର ବଂଶର ସଦସ୍ୟ ଖଗେଶ୍ୱର ସିଂହ ପ୍ରମୁଖ ସାତଜଣଙ୍କୁ ୧୮୬୪ ଡିସେମ୍ବର ୩ ତାରିଖଠାରୁ ନାଗପୁରର ସୀତାବାଲଡି ଦୁର୍ଗରେ ନେଇ ରଖାଯାଇଥିଲା। ରାଣୀ ଭିକ୍ଟୋରିଆ ଭାରତର ସମ୍ରାଜ୍ଞୀ ଘୋଷିତ ହେବା ପରେ ଧ୍ରୁବ ଓ ମିତ୍ରଭାନୁଙ୍କୁ ୧୮୭୭ ଜାନୁୟାରୀ ୧ ତାରିଖରେ ମୁକ୍ତ କରାଯାଇଥିଲା। ତେଣେ ଅସୀରଗଡର ଅବଶିଷ୍ଟ ୫ ସମ୍ବଲପୁର ବନ୍ଦୀଙ୍କ ମଧ୍ୟରୁ ଲୋକନାଥ ପଣ୍ଡା ୧୮୬୯ରେ, ମେଦିନୀ ସାଏ ୧୮୭୫ରେ, ବୀର ସୁରେନ୍ଦ୍ର ସାଏ ୧୮୮୪ ଫେବୃୟାରୀ ୨୮, ଖଗେଶ୍ୱର ସିଂହ ୧୮୮୭, ଉଦନ୍ତ ସାଏ ୧୮୯୪ ମସିହାରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ରେକର୍ଡ ରହିଛି। ମୃତ୍ୟୁବେଳକୁ ଉଦନ୍ତଙ୍କ ବୟସ ୮୨ ହୋଇଥିଲା। ୧୮୧୨ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ, ୧୮୯୩ ଡିସେମ୍ବର ୩୧ ସୁଦ୍ଧା ଉଦନ୍ତ ଅସୀରଗଡରେ ୨୮ବର୍ଷ ୧୯୩ ଦିନ, ହଜାରିବାଗ କାରାଗାରରେ ୧୭ ବର୍ଷ, ସମ୍ବଲପୁର, ରାୟପୁର ଓ ନାଗପୁରରେ ୧ ବର୍ଷ ୧୩୬ ଦିନର ବନ୍ଦୀ ଜୀବନକୁ ମିଶାଇଲେ ପ୍ରାୟ ୪୭ ବର୍ଷ ଜୀବନକାଳ ଜେଲରେ କଟିଛି। ସ୍ୱାଧୀନତାର ୭୫ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ ବେଳେ ସ୍ୱାଧୀନତା ସଂଗ୍ରାମ ସହ ଜଡିତ ଯେଉଁ କେତୋଟି ଦୁର୍ଗକୁ ଚିହ୍ନଟ କରାଯାଇଛି, ସେଥିମଧ୍ୟରେ ଅସୀରଗଡ ରହିଛି। ଏଥିରେ ସମ୍ବଲପୁର ସଂଗ୍ରାମୀଙ୍କ ବଳିଦାନ ପ୍ରମୁଖ। ଏହି ଦୁର୍ଗରେ ସମ୍ବଲପୁର ସଂଗ୍ରାମର ମହାନାୟକମାନଙ୍କ ସ୍ମାରକୀ ନିର୍ମାଣ ଦିଗରେ କେନ୍ଦ୍ର ସରକାର ତଥା ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ।

**ବିଶ୍ୱରେ ସର୍ବାଧିକ ସମୟ ଜେଲଦଣ୍ଡ ଭୋଗିଥିବା ଐତିହାସିକଙ୍କ ଦାବି**

## ଏଏପିର ଗଣଧାରଣା ଦ୍ୱିତୀୟ ଦିନରେ

**କୁଚିଣ୍ଡା,୨୦।୧୨(ଡି.ଏନ.ଏ.)**

୨୦୨୦-୨୧ ଖରିଫ ଧାନ କିଣାରେ ନିୟୋଜିତ କୁଚିଣ୍ଡା ଓ ଡାମରା ବ୍ଲକର ୮ଗୋଟି ଏସ୍‌ଏଚ୍‌ଜିଙ୍କ କମିଶନ ଅର୍ଥ ନ ମିଳିବାରୁ ଏଏପି ନେତୃତ୍ୱରେ କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଧାରଣାରେ କୁଟାରିମାଲ ଶକ୍ତି ଏସ୍‌ଏଚ୍‌ଜି ସଭାନେତ୍ରୀ ଭଗବତୀ ନାଏକ, ସମ୍ପାଦିକା ଚିତ୍ରା ନାଏକ, ଟାଇଁ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜି ସଭାନେତ୍ରୀ ରାଜକୁମାରୀ ସିଂ, ସମ୍ପାଦିକା ଅନିତା ସିଂ, ଏଏପି କୁଚିଣ୍ଡା ନିବାଚନ ମଣ୍ଡଳୀ ସଭାପତି ବିନୟ ପ୍ରକାଶ ତିର୍କୀ, କୁଚିଣ୍ଡା ବ୍ଲକ ସଭାପତି ଇରାନ ନାଏକ, ରାଜକିଶୋର ଦେବତାଙ୍କ ସମେତ ଏସ୍‌ଏଚ୍‌ଜି ସଦସ୍ୟାମାନେ ସାମିଲ ଥିଲେ।

## ଟିଏସ୍‌ପି ବ୍ଲକ୍ ଘୋଷଣାନେଇ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା

**ଝାରସୁଗୁଡ଼ା ଅଫିସ,୨୦।୧୨**

କେନ୍ଦ୍ର ସରକାରଙ୍କ ତରଫରୁ ଝାରସୁଗୁଡା ଜିଲାର କିର୍ମିରା ଓ ଲଇକେରା ବ୍ଲକ୍‌କୁ ଆଦିବାସୀ ଉପଯୋଜନା (ଟିଏସ୍‌ପି) ବ୍ଲକରେ ଅନ୍ତର୍ଭୁକ୍ତ କରାଯିବା ସହ ଜିଲା ମୁଖ୍ୟାଳୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଟିଡିଏ) ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ତରଫରୁ ଗତ ୨୪ତାରିଖରେ ଏହା ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ଏହି ଅବସରରେ ଜିଲା ଭାଜପା ତରଫରୁ ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ କିର୍ମିରା ବ୍ଲକ୍ ଭୀମଯୋରଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଭାଜପା ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ରବି ନାୟକ, ଜିଲା ଭାଜପା ଆଦିବାସୀ ସଭାପତି ତ୍ରିନାଥ ଗୁଆଲ, ଜିଲା ପରିଷଦ ପ୍ରାର୍ଥିନୀ ଜ୍ୟୋତ୍ସ୍ନା ବିଶ୍ୱାଳ, ପଙ୍କଜ ଛତ୍ରିଆ, ମଣ୍ଡଳ ସାଧାରଣ ସମ୍ପାଦକ ଝସକେତନ ପ୍ରଧାନ, ଉପସଭାପତି ଅମିତ ରଣା, ସଭାପତି ବିଜୟ ଶର୍ମା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉଦ୍ୟମପାଇଁ ଏହା ସମ୍ଭବପର ହୋଇପାରିଛି ବୋଲି କହିଥିଲେ। ଏଥିପାଇଁ ସେମାନେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ।

## କଲେଜ ରୌପ୍ୟ ଜୟନ୍ତୀ ପାଇଁ ଆଲୁମ୍‌ନି ବୈଠକ

**କୁଚିଣ୍ଡା,୨୦।୧୨(ଡି.ଏନ.ଏ)**

ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ଅଧକ୍ଷ ଦୟା ସାଗର ପ୍ରଧାନଙ୍କ ସଭାପତିତ୍ୱରେ ରୋପ୍ୟ ଜୟନ୍ତୀ ପାଳନ ପାଇଁ ସୋମବାର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟାପିକା ମନୋରମା ପଟେଲ, ଅଧାପକ ହରେଶ ସାହୁ, ବିନୋଦ ପୃଷେଠ, ରୋଶନ ଶର୍ମା, ବରିଷ୍ଠ କିରାଣୀ ମନୋରଞ୍ଜନ ପଟେଲ ଯୋଗଦେଇଥିଲେ। ଜାନୁୟାରୀରେ ୩ଦିନ ଧରି ଉତ୍ସବ ପାଳନ କରିବା ପାଇଁ ପୁରାତନ ଛାତ୍ରୀଛାତ୍ର ଆଲୋଚନା କରିଥିଲେ। ବୈଠକରେ ଆଲୁମ୍‌ନି



ପୁରାତନ ଛାତ୍ରୀଛାତ୍ରଙ୍କ ଗହଣରେ ଅଧକ୍ଷ ଓ ଷ୍ଟାଫ୍।

ସଭାପତି ପଦ୍ମଚରଣ ଗୁରୁ, ଉପସଭାପତି ସୌମ୍ୟ ରଞ୍ଜନ ଧଳ, କୋଷାଧକ୍ଷ ଦେବରାଜ ବେହେରା, ସମ୍ପାଦକ ଦେବାଶିଷ ନାୟକ, ସୁଶାନ୍ତ ରାଉତ, ମହେଶ ସିଂ, ରାଜ ତିଲକ ରାଏ, ମଣ୍ଟୁ ଶର୍ମା, ନରେନ୍ଦ୍ର ନିଏକ, ଧନଞ୍ଜୟ ଧୁରୁଆ, ବିଭୁତି ଭୂଷଣ ପତି, ସୌମ୍ୟ ରଞ୍ଜନ ନାଏକ, ସୁରଜ ଶର୍ମା, ଆଲୋକ ପଟେଲ, ସୁଶାନ୍ତ କୁମାର ରାଏ, ଅମୟ ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲପାହାଡ଼ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା ଅଫିସ/ବେଲପାହାଡ, ୨୦।୧୨**

ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୋମବାର କମିଟି ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ବେଲପାହାଡ଼ ଉତ୍ସବ 'ମଚାନ' ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ଫେବୃୟାରୀ ୩ରୁ ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିରୀକୃତ ହୋଇଛି। ଏହାକୁ ପରିଚାଳନା ପାଇଁ ପୂର୍ବ କମିଟିକୁ ଅପରିବର୍ତ୍ତିତ ରଖାଯାଇଛି। ଇହଧାମ ତ୍ୟାଗ କରିଥିବା ମହାନୁଭବଙ୍କୁ ରତ୍ନଶ୍ରୀ ବିଭୂଷିତ ସମ୍ମାନରେ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରମୋଦ ସେନାପତି, ମୋତିଲାଲ ମେହେର, ରାଜେଶ ଭୋଇ, ଜଗଦୀଶ ମେହେର, ଯୋଗେଶ୍ୱର ବହିଦାର, ଭାସ୍କର ପଟେଲ, ଡ. ଦିଲୀପ ନାୟକ, ରାଜେଶ ପଶାୟତ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ଥିବା କମିଟିର କର୍ମକର୍ତ୍ତା।

## ଏସ୍‌ଏମ୍‌ସି ପକ୍ଷରୁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ


ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ହକି ବିଶ୍ୱ କପକୁ ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ମଙ୍ଗଳବାର ହାୱା ମଇଦାନଠାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୋଟ ୮ଦଳ ଭାଗନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଖଣ୍ଡୁଆଳ ବନାମ ହିନ୍ଦ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡୁଆଳ ୨-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚକୁ ରେଫରି ରାଜାରାମ ଓରାମ, ବିଜୟ ଓରାମ, ପରେସ ମିର୍ଦ୍ଧା, ଭାରତୀ ଓରାମ ପରିଚାଳନା କରିଥିଲେ। ଜିଲାକ୍ରୀଡା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫର, ଓସିଏ ପୂର୍ବତନ ଉପସଭାପତି ସାବୀର ହୁସେନ, ଜିଲା ହାବିଲଦାର କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା ସମ୍ମାନିତ ଅତିଥି ଥିଲେ।

## କୁଟୁରାଚୁଆଁ କଲେଜର ବାର୍ଷିକ କ୍ରୀଡ଼ା

**କୁଚିଣ୍ଡା,୨୦।୧୨(ଡି.ଏନ.ଏ.)**

କୁଚିଣ୍ଡା କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ମଙ୍ଗଳବାର ୩୨ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ସଭାରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀ, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ପରିଚାଳନ କମିଟିର ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କୁଟୁରାଚୁଆଁ ହାଇସ୍କୁଲ ପିଇଟି ପ୍ରବିଣ କୁମାର ପଟେଲ, କୁଳେଇଗଡ ହାଇସ୍କୁଲ ପିଇଟି ପ୍ରଦିପ କୁମାର ପଟେଲ, କୁଟୁରାଚୁଆଁ କଲେଜ ପିଇଟି ଦିଲୀପ କୁମାର ପୁରୋହିତ କ୍ରୀଡ଼ାକୁ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

## ହେପାଟାଇଟିସ୍ ରୋଗ ନିରୂପଣ ଶିବିର

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୨୦।୧୨**

ଜିଲା ସ୍ୱାସ୍ଥ୍ୟ ସମିତି ଓ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀ ସିଏସ୍‌ଆର୍ ବିଭାଗର ମିଳିତ ଆନୁକୂଲ୍ୟରେ ଟିଆର୍‌ଏଲ୍ ଟ୍ରକ ପାର୍କିଂରେ ମଙ୍ଗଳବାର ନିଶୁଳ୍କ ହେପାଟାଇଟିସ 'ବି' ଆଣ୍ଡ ସି' ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରକ ଡ୍ରାଇଭର, ଖଲାସୀ ଓ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କ ମଧ୍ୟରୁ ୮୬ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ସେଥିରୁ ଜଣେ ହେପାଟାଇଟିସ ପଜିଟିଭ ଚିହ୍ନଟ ହେଲାପରେ ସେ ଚିକିତ୍ସିତ ହେଉଛନ୍ତି। କମ୍ପାନୀର ବରିଷ୍ଠ ଅଧିକାରୀ ଡା. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଜିଲା ସ୍ୱାସ୍ଥ୍ୟ ସମିତିର ସ୍ୱାସ୍ଥ୍ୟ କର୍ମଚାରୀ ଯସ୍ମିନ ପଟ୍ଟନାୟକ, କରିସ୍ମା ପାଣିଗ୍ରାହୀ ଟିଆରଏଲ କ୍ରୋସାକୀ ଡାକ୍ତରଖାନା ନର୍ସ ମାଧବୀ ପ୍ରଧାନ, ଯଜ୍ଞେଶ୍ୱରୀ ନାୟକ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ସମଡ଼ା ସମବାୟ ସମିତି ପକ୍ଷରୁ ଧାନକିଣା ଆରମ୍ଭ

**ଝାରସୁଗୁଡ଼ା ଅଫିସ,୨୦।୧୨**

ଗତ ୧୨ ତାରିଖରୁ ଜିଲାରେ ମଣ୍ଡି ଖୋଲିଥିବାବେଳେ ମଙ୍ଗଳବାର ସମଡା ସେବା ସମବାୟ ସମିତି ତରଫରୁ ଚାଷୀଙ୍କ ନିକଟରୁ ଧାନ କିଣା ଆରମ୍ଭ ହୋଇଛି। ସମିତି ଅଧକ୍ଷ ରବିରତ୍ନ ନାୟକ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ନିର୍ଦ୍ଦେଶକ ସାମାଜିକ କର୍ମୀ ବିରଞ୍ଚି ସାହୁ, ରାମପପ୍ରସାଦ ସାହୁ, ମୁରଲୀ ପଧାନ, ଗଙ୍ଗାଧର ଭୋଇ, ମଦନ ମାଝି, ସମ୍ପାଦକ ସଞ୍ଜୟ ସାହୁ, ଲୁକେଶ୍ୱର ପଧାନ ଉପସ୍ଥିତ ଥିଲେ। ହେଲେ କୌଣସି ମିଲର କିମ୍ବା ସେମାନଙ୍କ ପ୍ରତିନିଧି ସେଠାରେ ପହଞ୍ଚି ନ ଥିଲେ । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚାଷୀନେତା ବିରଞ୍ଚି ସାହୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଚାଷୀମାନେ ଏଫଏକ୍ୟୁ ମାନର ଧାନ ଦେଲେ କଟ୍‌ନୀଛଟ୍‌ନୀ ନ କରିବା ପାଇଁ କହିଥିଲେ। ପରେ ଚାଷୀଙ୍କ ନିକଟରୁ ସମିତି ଧାନ କିଣିଥିଲା। ଚାଷୀ ମଦନ ମାଝି ୧୪ କୁଇଣ୍ଟାଲ, ହୀରାଧର ମାଝି ୩୯ କୁଇଣ୍ଟାଲ, ଥାନେସର ପଧାନଙ୍କଠାରୁ ୫୦ କୁଇଣ୍ଟାଲ ଧାନ କିଣାଯାଇଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ଜେଜେ ବାପା, ଜେଜେ ମା' ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଜେଜେ ବାପା,ଜେଜେ ମା'ମାନେ ।

**ଝାରସୁଗୁଡ଼ା ଅଫିସ,୨୦।୧୨**

ଲଖନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଜେଜେବାପା ଓ ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ନାରାୟଣ ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶିକ୍ଷାରେ ଜେଜେ ବାପା ଓ ଜେଜେ ମା'ମାନଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ କୁମୁଦ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟା ସୁସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ନରୋତ୍ତମ ପ୍ରଧାନ, ସମ୍ପାଦକ ରାଜକୁମାର ସାହୁ ପ୍ରମୁଖ ଯୋଗଦେଇ ଜେଜେ ବାପା ଓ ଜେଜେମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜେଜେ ବାପା ଓ ଜେଜେ ମା'ମାନେ ଶିଶୁ ମନ୍ଦିର ଶିକ୍ଷା ବ୍ୟବସ୍ଥା, ସଂସ୍କାର ପଦ୍ଧତିର ପ୍ରଶଂସା କରିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସମ୍ବଲେଶ୍ୱରୀ କ୍ଲବ ଚାମ୍ପିୟନ

**ରେଙ୍ଗାଲି,୨୦।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ଗ୍ରାମ ପଞ୍ଚାୟତ ମୁଣ୍ଡାପଡାଠାରେ ୟୁଥ୍ କ୍ଲବର ଦୁଇଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସମ୍ବଲେଶ୍ୱରୀ କ୍ଲବ କୁଦୋପାଲି ଓ ବଜରଙ୍ଗ ୧୧ କୁଡାଲୋଇ ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲେଶ୍ୱରୀ କ୍ଲବ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ବିଜେଡି ଜିଲା ଉପସଭାପତି କିରଣ ବେହେରା ମୁଖ୍ୟଅତିଥି ଓ ଆଦାନୀ ଖଣିର ପ୍ରୋଜେକ୍ଟ ମୁଖ୍ୟ ରାଜିବ ଶ୍ରିମଲଇ, ରେଙ୍ଗାଲି ବ୍ଲକ ଛାତ୍ର ଜନତାଦଳ ସଭାପତି ବାବୁଲୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ଭିଏସ୍‌ଏସ୍‌ର ନିଆରା ପ୍ରୟାସ

**ଝାରସୁଗୁଡ଼ା ଅଫିସ,୨୦।୧୨**

ଝାରସୁଗୁଡ଼ା ବନଖଣ୍ଡ ବାଗଡ଼ିହି ରେଞ୍ଜ ଅନ୍ତର୍ଗତ ଦେଓପାନ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଜଙ୍ଗଲରେ ପଥରବନ୍ଧ ବାନ୍ଧି ବନ୍ୟପ୍ରାଣୀଙ୍କ ପାଇଁ ଗ୍ରୀଷ୍ମ ଋତୁରେ ପାଣି ସୁବିଧା କରିଛି। ଜଙ୍ଗଲରେ ଜଳାଶୟ ଥିଲେ ହେଁ ଗ୍ରୀଷ୍ମ ଋତୁରେ ଜଳ ସଙ୍କଟ ଦେଖାଦେଇଥାଏ । ଏହି ସମସ୍ୟା ଦୂର କରିବା ପାଇଁ ଦେଓପାନ ଭିଏସ୍‌ଏସ୍ କର୍ମକର୍ତ୍ତା ଶ୍ରମଦାନ କରି ଜଳାଶୟରେ ୨୦ ଫୁଟ୍ ଲମ୍ବ, ୩ ଫୁଟ୍ ଚଉଡ଼ା ଓ ୨.୬ ଫୁଟ୍ ଉଚ୍ଚତାର ପଥରବନ୍ଧ ବାନ୍ଧିଛନ୍ତି। ଏହା ଦ୍ୱାରା ଜଳକୁ ଅଟକାଯାଇ ଗ୍ରୀଷ୍ମ ଋତୁରେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଛି।



ଜଳାଶୟରେ ପଥର ବନ୍ଧ ବାନ୍ଧିଥିବା ଭିଏସ୍‌ଏସ୍ କର୍ମକର୍ତ୍ତା।

ସମିତିର ଏହି ନିଆରା ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଟିମ ଲିଡ଼ର ଚୂଡ଼ାମଣୀ ବେହେରା, ଫରେଷ୍ଟ ଗାର୍ଡ ବିପିନ ସା, ସଭାପତି କୃତିବାସ ଛତ୍ରୀଆ, ବନ ସହାୟକ ଅରକ୍ଷିତ ଛତ୍ରୀଆ ଓ ସଦସ୍ୟମାନେ ସାମିଲ ଥିଲେ।

